# ଜାନୁୟାରୀ ସୁଦ୍ଧା ସରିବ ଫୁଟ୍ ଓଭରବ୍ରିଜ୍

**ରୂପ୍‌ସା, ୧୭।୧୧(ଡି.ଏନ.ଏ.)**

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲାର ରୂପ୍‌ସା ରେଳ ଜଙ୍କଶନ ଓ ଷ୍ଟେଶନରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଅସମ୍ପୂର୍ଣ୍ଣ ଯୋଗୁ

**ରୂପ୍‌ସା ରେଳ ଜଙ୍କଶନ**

ସାଧାରଣରେ ଅସନ୍ତୋଷ ଲାଗି ରହିଛି। ଏନେଇ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ହେଁ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ଅଭିଯୋଗ ହୋଇଛି। ଗତ ୧୫ତାରିଖରେ ଖଡ଼ଗପୁର ଡିଭିଜନାଲ ମ୍ୟାନେଜର (ଡିଆର୍‌ଏମ୍) କେ. ଆର୍. କେ. ରେଡ୍ଡୀ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରୂପ୍‌ସା-ବାଙ୍ଗିରିପୋଷି ରେଳଲାଇନ୍



୪ନଂ. ପ୍ଲାଟଫର୍ମରେ ନିର୍ମାଣାଧୀନ ଫୁଟ୍ ଓଭରବ୍ରିଜ୍।

ସମ୍ପ୍ରସାରଣ ଅନୁଧ୍ୟାନ ପାଇଁ ଆସି ରୂପ୍‌ସା ଷ୍ଟେଶନରେ କିଛି ସମୟ ରହିଥିଲେ। ଖବରପାଇ ଆଞ୍ଚଳିକ ବିକାଶ ପରିଷଦର ସଭାପତି ଭଗବାନ ମହାପାତ୍ର, ଉପସଭାପତି ନିରଞ୍ଜନ ପଣ୍ଡାଶର୍ମା, ଶାରଦା ପ୍ରସନ୍ନ ପଟ୍ଟନାୟକ ଓ ଷ୍ଟେଶନରେ ଥିବା ବହୁ ରେଳଯାତ୍ରୀ ଡିଆର୍‌ଏମ୍‌ଙ୍କୁ ଭେଟିଥିଲେ। ଫୁଟ୍ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦିଗରେ ତାଙ୍କ ସହ ସ୍ୱଳ୍ପ ସମୟ ଆଲୋଚନା କରିଥିଲେ। ୨୦୨୦ ଜାନୁୟାରୀ ପୂର୍ବରୁ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦିଗରେ ପଦକ୍ଷେପ ନିଆଯାଉଥିବା ଡିଆର୍‌ଏମ୍ ରେଡ୍ଡୀ ପ୍ରତିଶ୍ରୁତି ଦେଇଥିଲେ।

ଏହି ଗୁରୁତ୍ୱପୂର୍ଣ୍ଣ ଜଙ୍କଶନରେ ଷ୍ଟେଶନ ବାହାରୁ ୧ନଂ. ପ୍ଲାଟଫର୍ମକୁ ଗୋଟିଏ ଫୁଟ୍ ଓଭରବ୍ରିଜ୍ ଏହାଠାରୁ ୨୦୦ମି. ଦୂର ଉତ୍ତରକୁ ୨ନଂ. ପ୍ଲାଟଫର୍ମରୁ ୩ନଂ. ପ୍ଲାଟଫର୍ମକୁ ଅନ୍ୟ ଏକ ଫୁଟ୍ ଓଭରବ୍ରିଜ୍ ଥିବାରୁ ଯାତ୍ରୀମାନେ ବିପଜ୍ଜନକ ଅବସ୍ଥାରେ ହଇରାଣ ହୋଇଥାନ୍ତି। ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ୧ନଂ. ପ୍ଲାଟଫର୍ମରେ ଥିବା ଫୁଟ୍ ଓଭରବ୍ରିଜ୍‌କୁ ୩ନଂ. ଓ ୪ନଂ. ପ୍ଲାଟଫର୍ମକୁ ସିଧା ସମ୍ପ୍ରସାରଣ ପାଇଁ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଥିଲା। ଏପରି କି ବାରମ୍ବାର ରେଳରୋକୋ କରାଯିବାରୁ ବିଭାଗ ପକ୍ଷରୁ ସିଧା ସମ୍ପ୍ରସାରଣ କରାଯାଇ ବ୍ରିଜ୍ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ ପୂର୍ବକ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ନିର୍ମାଣ କାର୍ଯ୍ୟ ଚାଲିଛି।

## ସଂକ୍ଷେପରେ

### ମଙ୍ଗଳପୁରରେ ଗ୍ୟାସ୍ ବଣ୍ଟନ



**ରେମୁଣା, ୧୭।୧୧(ଡି.ଏନ.ଏ.):** ଉଜ୍ଜ୍ୱଳା ଯୋଜନାରେ ରେମୁଣା ବ୍ଲକ ମଙ୍ଗଳପୁର ପଞ୍ଚାୟତର ୨୪ଜଣ ମହିଳାଙ୍କୁ ଗ୍ୟାସ୍ ବଣ୍ଟନ କରାଯାଇଛି। ସରପଞ୍ଚ ଉମାକାନ୍ତ ପଣ୍ଡା, ବ୍ଲକ ଉପାଧକ୍ଷା ମଞ୍ଜୁଲତା ଦାସ ପ୍ରମୁଖ ଉପସ୍ଥିତ ରହି ଗ୍ୟାସ୍ ବଣ୍ଟନ କରିଥିଲେ। ଉଜ୍ଜ୍ୱଳା ଦିଦି ବାସନ୍ତୀ ପ୍ରଧାନ ମହିଳାଙ୍କୁ ଗ୍ୟାସ୍‌ରେ ସୁରକ୍ଷିତ ଭାବେ ରୋଷେଇ କରିବାର ଉପାୟ ସମ୍ପର୍କରେ ଅବଗତ କରିଥିଲେ। ଏପର୍ଯ୍ୟନ୍ତ ପଞ୍ଚାୟତରେ ୪ଶହରୁ ଅଧିକ ଲୋକଙ୍କୁ ଗ୍ୟାସ୍ ବଣ୍ଟନ କରାଯାଇଛି। ରାଶନକାର୍ଡ଼ ଥିବା ସମସ୍ତ ଉପଭୋକ୍ତାଙ୍କୁ ଆଗାମୀ ଦିନରେ ଗ୍ୟାସ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ପଣ୍ଡା କହିଥିଲେ।

### ଭାରତୀୟ ଭୂତପୂର୍ବ ସୈନିକ ସଙ୍ଗଠନର ନୂତନ କର୍ମକର୍ତ୍ତା

**ବାଲିଆପାଳ, ୧୭।୧୧(ଡି.ଏନ.ଏ.):** ଭାରତୀୟ ଭୂତପୂର୍ବ ସୈନିକ ସଙ୍ଗଠନ ବାଲିଆପାଳ ଶାଖାର ଆଗାମୀ ଦୁଇ ବର୍ଷ ପାଇଁ ସାଙ୍ଗଠନିକ ନିର୍ବାଚନ କଚୁଆପଡାସ୍ଥିତ ସଙ୍ଗଠନ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସୈନିକ ମୂରଲୀଧର ସାହୁଙ୍କ ପୌରୋହିତ୍ୟରେ ସାଙ୍ଗଠନିକ ନିର୍ବାଚନ ହୋଇଥିଲା। ସଙ୍ଗଠନର ସଭାପତି ଭାବେ ରାମଚନ୍ଦ୍ର ଜେନା, ଉପସଭାପତି ଭାବେ ମନୋଜ କୁମାର ସି, ସମ୍ପାଦକ ଭାବେ ରାଧାନାଥ ରାଉତ, କୋଷାଧକ୍ଷ ଭାବେ ପଦ୍ମଲୋଚନ ଚକ୍ରବର୍ତ୍ତୀ ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ଆସନ୍ତା ଡିସେମ୍ବର ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସଙ୍ଗଠନର ସ୍ୱତନ୍ତ୍ର ଅଧିବେଶନରେ ନୂତନ କର୍ମକର୍ତ୍ତାମାନେ ନିଜର ଦାୟିତ୍ୱ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଶତାଧିକ ପୂର୍ବତନ ସୈନିକ ଯୋଗଦେଇ ସାଙ୍ଗଠନିକ ନିର୍ବାଚନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ଅନ୍ତରାରେ ଶାନ୍ତି ଜେନାଙ୍କୁ ସହାୟତା ଦିଆଯାଉଛି।

# ଅସହାୟଙ୍କୁ ସହାୟତା

**ଖଇରା, ୧୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତରା ପଞ୍ଚାୟତ ଅଧୀନ କନ୍ଦଡା ଗ୍ରାମର ଅସହାୟ ବିଧବା ମହିଳା ଶାନ୍ତି ଜେନାଙ୍କୁ ସହଯୋଗର ହାତ ବଢାଇଛନ୍ତି ଭାଜପାର ଯୁବନେତା ତଥା ସମାଜସେବୀ ବେଣୁମାଧବ ପଣ୍ଡା। ଶୁକ୍ରବାର ସେ ଭାଜପା ଜୋନ ସଭାପତି ପରୀକ୍ଷିତ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ଢୁଙ୍ଗୁରାର ପୂର୍ବତନ ସରପଞ୍ଚ ନଟବର ସାହୁ, ଖଇରା ଜୋନ ସଭାପତି ରାଜେଶ ରାଉତଙ୍କ ସହ ଶାନ୍ତିଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରକାଶଥାଉ କି, ଶାନ୍ତିଙ୍କ ସ୍ୱାମୀ ପଦ୍ମଲୋଚନ ଜେନା କିଛିଦିନ ଧରି ମଧୁମେହ ରୋଗରେ ଆକ୍ରାନ୍ତ ରହିବା ପରେ ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ଆଖି ବୁଜିଥିଲେ। ସେହିଭଳି ଗଡପୋଖରୀ ପଞ୍ଚାୟତ ଜୟୀଗଡ ଗ୍ରାମର ଚଁଚୟା ଜେନା ଗତ ୩ବର୍ଷ ଧରି ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କୁ ବି ବେଣୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଡିସେମ୍ବର ୧୯ରୁ ବାଗୁଡ଼ି ସର୍ବଭାରତୀୟ ମହାବୀର କପ୍ କ୍ରିକେଟ୍



ପ୍ରସ୍ତୁତି ବୈଠକରେ ମହାବୀର କ୍ଲବ୍‌ର କର୍ମକର୍ତ୍ତା।

**ସୋର, ୧୭।୧୧(ଡି.ଏନ.ଏ.)**

ସୋର ବ୍ଲକ ଅନ୍ତର୍ଗତ ବାଗୁଡ଼ିଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୧ତମ ସର୍ବଭାରତୀୟ ମହାବୀର କ୍ରିକେଟ୍ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି।

କ୍ଲବ ସ୍ଥାୟୀ ସଭାପତି ଅଖିଳରାମ ଜେନାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଟୁର୍ନାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ୮ଟି ଦଳ ଭାଗ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଟୁର୍ନାମେଣ୍ଟରେ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ମଧ୍ୟରୁ ୮ଟି ଦଳ ଭାଗ ନେବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିନିମନ୍ତେ ଚାମ୍ପିୟନ ଦଳକୁ ନଗଦ ୪୦ହଜାର ଟଙ୍କା ସହ ଟ୍ରଫି, ରନର୍ସଅପ୍ ଦଳକୁ ନଗଦ ୨୫ହଜାର ଟଙ୍କା ସହ କପ୍ ପ୍ରଦାନ କରାଯିବାକୁ ସମ୍ପାଦକ ବିରେନ୍ଦ୍ର କୁମାର ଜେନା ପ୍ରକାଶ କରିଛନ୍ତି। ଏହି ସର୍ବଭାରତୀୟ ଟୁର୍ନାମେଣ୍ଟ ଡିସେମ୍ବର ୧୯ରୁ ଆରମ୍ଭ ହୋଇ ଡିସେମ୍ବର ୨୫ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ନିର୍ଦ୍ଧାରଣ କରାଯାଇଛି। ଖୁବ୍‌ଶୀଘ୍ର କ୍ରୀଡ଼ାସୂଚୀ ପ୍ରକାଶ କରାଯିବ। ବୈଠକରେ ସମାଜସେବୀ ସୁଦର୍ଶନ ବେହେରା, ଶିକ୍ଷୀ ଗୋଲକ ପାତ୍ର, କ୍ଲବର ଉପସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, ଉପଦେଷ୍ଟା ଜୟୀରାମ ଜେନା, ମହେନ୍ଦ୍ର ଦେ, ସହସମ୍ପାଦକ ଅଜୟ ମଲ୍ଲିକ, ଶ୍ରୀକାନ୍ତ ମଲ୍ଲିକ, ବାସୁଦେବ ଜେନା, ମୂରଲୀଧର ଜେନା, ରାଜକିଶୋର ଜେନା, ବସନ୍ତ ମଲ୍ଲିକ, ଯଦୁନାଥ ଜେନା ପ୍ରମୁଖ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଇଂଲିଶ୍ ଭାଷା ପ୍ରଶିକ୍ଷଣ ଶିବିର

**ଖଇରା, ୧୭।୧୧(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରଚଳନ ହେବାକୁ ଯାଉଥିବା ବେଳେ ଉତ୍କଳ ଶିକ୍ଷା ପରିଷଦ, ଓଡ଼ିଶା ପକ୍ଷରୁ ବିଭିନ୍ନ ବ୍ଲକରେ ନ୍ୟୂନତମ ଭାଷା ଦକ୍ଷତା ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଛି। ଶନିବାର ସ୍ଥାନୀୟ ଖଇରା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ସଂକୁଳସ୍ତରୀୟ ଇଂରାଜି ଭାଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ପ୍ରଫେସର ଉମେଶ ଚନ୍ଦ୍ର ନାୟକ, ସଙ୍କୁଳ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ, ବରିଷ୍ଠ ଇଂଲିଶ ଭାଷା ପ୍ରଶିକ୍ଷକ ବିଦ୍ୟାଧର କମିଳା ପ୍ରମୁଖ ଯୋଗଦେଇଥିଲେ। ଇଂଲିଶର ଆବଶ୍ୟକତା ଓ ସହଜ ଇଂଲିଶ ଶିଖିବାର ଉପାୟ ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ଉମ୍ବରୁଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟ ସମ୍ପାଦନାରେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଶିଶୁ ଚିତ୍ରଶିଳ୍ପୀ।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

# ଭାଗ ନେଲେ ୨୯୩ ଶିଶୁ ଚିତ୍ରଶିଳ୍ପୀ

**ସୋର, ୧୭।୧୧(ଡି.ଏନ.ଏ.)**

ଉତ୍କଳ ଓ ସଂସ୍କୃତି ପ୍ରତିଷ୍ଠାନ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ସୋର ସ୍ଥିତ କଳାଘରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୯୩ଜଣ କୁନି ଚିତ୍ରଶିଳ୍ପୀ ଯୋଗଦେଇଥିଲେ। ୪୧ ବିଦ୍ୟାଳୟରୁ ପ୍ରଥମରୁ ତୃତୀୟ ଶ୍ରେଣୀରେ ୧୨୧ଜଣ, ଚତୁର୍ଥରୁ ସପ୍ତମ ଶ୍ରେଣୀରେ ୧୧୧ ଓ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀରେ ୬୧ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଟ୍ରଷ୍ଟି ତଥା କଳାଘର ଅଧ୍ୟକ୍ଷ ଶିଳ୍ପୀ ରାଜବଲ୍ଲଭ ସାହୁ ଏହାକୁ ପରିଚାଳନା କରିଥିଲେ। ଅନୁଷ୍ଠାନ ଶିଳ୍ପୀ ଆରୋ ଆଶିଷ ବଲ୍ଲଭ ସାହୁ, ବିମଳ କୁମାର ମହାରଣା, ଜ୍ୟୋତିଷା ସାହୁ, ଦୀପକ ପାଣିଗ୍ରାହୀ, ଝାନ୍ସିରାଣୀ ପତି, ଦୀପ୍ତି ଦଣ୍ଡପାଟ ପ୍ରମୁଖ କାର୍ଯ୍ୟକ୍ରମର ସହଯୋଗ କରିଥିଲେ। ଜିଲା ସମ୍ପାଦକ ଶିକ୍ଷକ ରାମଚନ୍ଦ୍ର ପୃଷ୍ଟି ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



✓ ବରୁଣ ବିଶ୍ୱଭୂଷଣ
ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ : ୨୦.୧୦.୧୯୮୬
ତିରୋଧାନ : ୧୮.୧୧.୨୦୧୭
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା । ଆମକୁ ଏକା ଛାଡି ତୁ ଚାଲିଗଲୁ । ତୋର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ମାଆ, ବାପା ଏବଂ ଆତ୍ମୀୟସ୍ୱଜନ
ଧ-୬୮୦୨୮

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁବାଷ ଦାସ
ବରଦାସାହି, ବ୍ରହ୍ମବରଦା, ବ୍ଲକ- ରସୁଲପୁର, ଜିଲ୍ଲା- ଯାଜପୁର
ଆବିର୍ଭାବ: ୦୧।୦୧।୧୯୩୦
ତିରୋଧାନ: ୦୮।୧୧।୨୦୧୯
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ବଞ୍ଚିଥିବା ଯାଏ କରୁଥିବୁ ମଧ୍ୟ। ତୁମର ସ୍ନେହ, ଶ୍ରଦ୍ଧା, ଶିକ୍ଷା, ନୀତି, ଆଦର୍ଶ ଆମ୍ଭମାନଙ୍କର ଜୀବନରେ ପ୍ରେରଣାର ଉତ୍ସହେଉ। ଶିକ୍ଷା କ୍ଷେତ୍ରରେ ତୁମର ସାଧନା ଯୁଗଯୁଗକୁ ସ୍ମରଣୀୟ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର: ଚିତ୍ତ ରଞ୍ଜନ ଦାସ, ବୋହୂ: କୁଟୁମୀନା ମହାନ୍ତି, ନାତି: ଚିରନ୍‌ଜୀବ୍ ଦାସ, ନାତୁଣୀ: ଚେଲେସା ଦାସ, ଝିଅ, ଜ୍ୱାଇଁ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ପ୍ରିୟଜନଗଣ ।
ଧ-୧୫୨୯୪

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇ. ଶଚ୍ଚିନନ୍ଦନ ଦାସ
ଦଇତାପଡ଼ା ସାହି, ପୁରୀ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୨୧।୧୧।୨୦୦୫
(ଷଷ୍ଠୀ ମାର୍ଗଶିର ମାସ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ।
ଧ-୧୫୧୬୯

### ତୃତୀୟ ପୁଣ୍ୟତିଥି



ସ୍ୱର୍ଗତା ମନି ସାମନ୍ତରାୟ
ଆବିର୍ଭାବ: ୧୮।୧୧।୧୯୫୭
ତିରୋଧାନ: ୧୮।୧୧।୨୦୧୬
ମାମି, ଆଜି କି ୩ବର୍ଷ ହେଲା, ଆମକୁ ଛାଡ଼ି ଦିବ୍ୟଧାମକୁ ଚାଲିଗଲ। ତୁମରି ଶିକ୍ଷା, ସଂସ୍କାର ଓ ଅନୁଶାସନକୁ ପାଥେୟ କରି ଆମେ ଆଗେଇ ଚାଲୁଛୁ। ତୁମର ଅମରଆତ୍ମା ଯେଉଁଠି ବି ଥାଉ ଶାନ୍ତିରେ ଥାଉ, ବାସୁଦେବଙ୍କ ପାଖରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ଶ୍ରୀମନ୍ତ, ସନ୍ତୋଷ, ବୋହୂ: ସୁଜାତା, ସୋନାଲି, ଝିଅ: ଶର୍ମିଷ୍ଠା, ଜ୍ୱାଇଁ: ସୁଶାନ୍ତ, ଭଣଜା: ରାଜା, ନାତୁଣୀ: ସୁଶ୍ରୀ, ଶ୍ରୀମା, ସମୃଦ୍ଧି, ଶରନ୍ୟା, ନାତି: ସୂର୍ଯ୍ୟାଂଶୁ, ଶାଶ୍ୱତମନିଷ ।
ଧ-୧୫୨୯୫


# ଉଦ୍‌ଘାଟିତ ହେଲା ସୀମାନ୍ତ ମହୋତ୍ସବ

**ରେମୁଣା, ୧୭।୧୧(ଡି.ଏନ.ଏ.)**

ବାଲେଶ୍ୱର-ମୟୂରଭଞ୍ଜ ସୀମାନ୍ତ ରେମୁଣା ଦୁର୍ଗାଦେବୀର ରାଉତୁରାପୁର ଓ ବଡସାହିର ଚେଙ୍ଗୁଆ ମଙ୍ଗଳପୁରଠାରେ ୪ଦିନିଆ ସୀମାନ୍ତ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ବିଜୁ ପଟ୍ଟନାୟକ ସ୍ମୃତି କମିଟି, ସୀମାନ୍ତ ମହୋତ୍ସବ କମିଟି ଓ ଯାତ୍ରା କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟକ ଭାବେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, କଳା ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରି ଦୁଇ ଜିଲାର ସୀମାନ୍ତରେ ଏଭଳି ଆୟୋଜନ ପ୍ରଶଂସନୀୟ ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ପ୍ରଭାତ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ବିଧାୟକ ସୁଧାଂଶୁ ଶେଖର ପରିଡ଼ା କଳା ଓ ସଂସ୍କୃତିର ରକ୍ଷଣ ଏବଂ ବିକାଶ ପାଇଁ ସମସ୍ତେ ଚେଷ୍ଟିତ ହେବାକୁ ଆହ୍ୱାନ ଦେଇଥିଲେ।





ମହୋତ୍ସବ ଉଦ୍‌ଘାଟନ ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଭରତ ଚନ୍ଦ୍ର ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା ଏବଂ ସମ୍ମାନିତ ଅତିଥି ଭାବେ ଇମାମୀ ପେପର ମିଲ୍ସର ଏଜିଏମ୍ ମନୋଜ କୁମାର ପାଢ଼ୀ, ଯୁବନେତା ମନୋରଞ୍ଜନ ରାଉତ, ଶୁଭେନ୍ଦୁ ମଙ୍ଗରାଜ ଯୋଗଦେଇଥିଲେ। ଏହି ଅବସରରେ ଗବେଷକ ମହାନ୍ତିଙ୍କୁ ସାହିତ୍ୟ ଗୌରବ ସମ୍ମାନ, ରେମୁଣା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଏବଂ ଇଂ ଶ୍ରୀହରି ସାନ୍ତରାଙ୍କୁ ସେବା ସମ୍ମାନ, ସୁରେଶ ଦାସଙ୍କୁ ସାମ୍ବାଦିକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷକ ତଥା ଯୁବ ନାଟ୍ୟକାର ରାଧାରଞ୍ଜନ ଦାସ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସତ୍ୟବ୍ରତ ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ଅନୁଷ୍ଠାନର ବରିଷ୍ଠ ପରାମର୍ଶଦାତା ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଜୀବନବିନ୍ଦୁ କାର୍ଯ୍ୟକ୍ରମ

**ବାହାନଗା, ୧୭।୧୧(ଡି.ଏନ.ଏ.)**

ବାହାନଗା ବ୍ଲକ ସାହାସପୁରା ପଞ୍ଚାୟତର କନ୍ହେଇଉଗାଳପୁର ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ପରିସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୧୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ସୋର ବିଧାୟକ ପର୍ଶୁରାମ ଧଡା ଏହାକୁ ଉଦ୍‌ଘାଟନ କରିଥିଲେ। ସେହିପରି କନ୍ହେଇ ଉଗାଳପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲା ରକ୍ତଭଣ୍ଡାର ଡାକ୍ତର ମହେଶ ବିଶ୍ୱାଳ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତର ଗ୍ରୁପ୍ ବାହାର କରି ରକ୍ତ ସଂଗ୍ରହ କରିଥିଲେ। ବିଜେଡି ବାହାନଗା ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ପ୍ରଦୀପ ଜେନା, ସାଉଡୁ ପଞ୍ଚାୟତର ବିଜୟ ମହାପାତ୍ର, ତାଳକୁରୁଣିଆଁ ପଞ୍ଚାୟତର ବିଜୟ କୁମାର ସାହୁ, ସୋର ବ୍ଲକ ସଭାପତି କମଳାକାନ୍ତ ଘଡେଇ, ସାହାସପୁରାର ମଲ୍ଲିକ ନସିମ୍‌ଉଦ୍ଦିନ୍ ଅହମ୍ମଦ, ଜିଲା ମହିଳା ମୋର୍ଚ୍ଚାର ସମ୍ପାଦିକା ସବିତା ଅଗସ୍ତି ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୧୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।


### ୮୦ତମ ଜନ୍ମଦିନ ଶୁଭେଚ୍ଛା



ମାଳତୀ ଲତା ଦାଶ
ଗ୍ରା: ଦୁର୍ଗାପୁର ଗଡ଼ିଯଂଗ, କଟକ
୮୦ବର୍ଷର ଜନ୍ମଦିନ ଉପଲକ୍ଷେ ଆପଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ନୀରୋଗ ରଖନ୍ତୁ।
ଶୁଭେଚ୍ଛା ସହ
ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୬୦୯


# ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

**ଜଳେଶ୍ୱର, ୧୭।୧୧(ଡି.ଏନ.ଏ.)**

ଜଳେଶ୍ୱର ଆର୍ଟ ଫାଉଣ୍ଡେଶନର ୩ଦିନିଆ ଚିତ୍ରଶିଳ୍ପୀ କର୍ମଶାଳା ଓ ଶିଶୁ ଉତ୍ସବର ଉଦ୍‌ଯାପନୀ ଉତ୍ସବ ରବିବାର ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ବରିଷ୍ଠ ଉପଦେଷ୍ଟା ତଥା ଆଇନଜୀବୀ ସତ୍ୟସୁନ୍ଦର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ନାଥ, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଓ କଟକ ଆର୍ଟ କଲେଜର ଅଧ୍ୟାପକ ଗୌରାଙ୍ଗ ବାରିକ ପ୍ରମୁଖ ଯୋଗଦେଇ ୨୦୧୪ ମସିହାଠାରୁ ପ୍ରତି ବର୍ଷ ହୋଇ ଆସୁଥିବା ଏହି ଚିତ୍ରଶିଳ୍ପୀ କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ଦେଇଥିଲେ।

ଏହି ଅବସରରେ ରାଜ୍ୟ ଓ ରାଜ୍ୟ ବାହାର ବିଶିଷ୍ଟ ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ବାଲେଶ୍ୱରସ୍ଥିତ ରେମୁଣା ଆର୍ଟ





ମଞ୍ଚରେ ସମ୍ବର୍ଦ୍ଧିତ ଚିତ୍ରଶିଳ୍ପୀମାନେ।

କଲେଜର ଅଧ୍ୟାପକ ବ୍ରଜ ଷଡ଼ଙ୍ଗୀ, ବାଲେଶ୍ୱରର ବିଶିଷ୍ଟ ଚିତ୍ରଶିଳ୍ପୀ ଅଶୋକ ମହାନ୍ତି, କଟକ ଆର୍ଟ କଲେଜର ଅଧ୍ୟାପକ ଗୌରାଙ୍ଗ ବାରିକ, ଜଳେଶ୍ୱରର ବ୍ରଜବଲ୍ଲଭ ସାହୁ, ପୁରୀ ଆର୍ଟ କଲେଜ ଅଧ୍ୟକ୍ଷ ଦୁର୍ଗାମାଧବ କର, ପଶ୍ଚିମବଙ୍ଗର କଲିକତାସ୍ଥିତ ଶାନ୍ତିନିକେତନ ଆର୍ଟ କଲେଜର ଅଧ୍ୟାପିକା ଶଙ୍କରୀ ମିତ୍ର, ମେଦିନୀପୁର ଜିଲା ମହନପୁରର ମୃଣାଳକାନ୍ତୀ ମାଇତି, ବାଲେଶ୍ୱରର ବରିଷ୍ଠ ଚିତ୍ରଶିଳ୍ପୀ କେଶୁ ଦାସ, ପୂର୍ଣ୍ଣେନ୍ଦୁ ପ୍ରକାଶ ପତି ପ୍ରମୁଖ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି କର୍ମଶାଳା ଓ ଶିଶୁ ଉତ୍ସବ ନଭେମ୍ବର ୧୫ ତାରିଖଠାରୁ ଆରମ୍ଭ ହୋଇ ୧୭ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଶିଶୁ ଶ୍ରେଣୀ ଯୁକ୍ତ ୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଭାଗନେଇଥିଲେ। ଚଳିତବର୍ଷ ଚିତ୍ରାଙ୍କନ ଓ ଝୋଟି ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମକୁ ଫାଉଣ୍ଡେଶନର ସମ୍ପାଦକ ମୁକ୍ତିପଦ ନନ୍ଦୀ ତଥା ସଦସ୍ୟ ସୌମ୍ୟରଞ୍ଜନ ପାତ୍ର, ବିଷ୍ଣୁପଦ ସେନାପତି, ଆଶିଷ ସାହୁ, ସୌମ୍ୟ ସାଗର କାମିଳା, ତପନ ବେହେରା ଓ ସୁବ୍ରତ କୁମାର ରଣା ପ୍ରମୁଖ ପରିଚାଳନା କରିଥିଲେ।


ODISHA
INDIA'S BEST KEPT SECRET.

**Government of Odisha**
**Department of Tourism**

No. 10010 /, Bhubaneswar, Date 16.11.2019
[illegible]

**Expression of Interest (EoI) for Selection of Operator(s) for setting up, operations and management of Beach Shacks and Bistros at Chandrabhaga Beach area, Puri District, Odisha on Operational Contract Basis**

**No.R:-** Department of Tourism intends to elevate the tourism potential of Chandrabhaga beach by provisioning new tourist facilities and services at the beach through public private participation. In this background, Expression of Interest (EoI) is invited from eligible agencies for the project 'Selection of Operator(s) for setting up, operations and management of Beach Shacks and Bistros at Chandrabhaga Beach area, Puri District, Odisha on Operational Contract Basis'.

The Terms of References may be collected from the Department of Tourism, Government of Odisha, Paryatan Bhawan, Bhubaneswar or may be downloaded from our website **www.odishatourism.gov.in**.

**37001/11/0027/1920** **Sd./- Director, Tourism**

## ସଂକ୍ଷେପରେ

### ପୋଲିସ ତଦନ୍ତ ପ୍ରକ୍ରିୟାରେ ତ୍ରୁଟିର ଉଚ୍ଚସ୍ତରୀୟ ତଦନ୍ତ ଦାବି

ଉଦଳା,୧୭।୧୧(ଡି.ଏନ୍.ଏ.)- ଜଣେ ଯୁବକ ଏକ ଅପରାଧିକ ମାମଲାରେ ସମ୍ପୃକ୍ତ ହୋଇ ୨୦ ଦିନ ଜେଲରେ ରହିଲେ। ସେହି ୨୦ ଦିନ ମଧ୍ୟରେ ଅନ୍ୟ ଗୋଟିଏ ସ୍ଥାନରେ ହୋଇଥିବା ଚୋରି ଘଟଣାରେ ତାଙ୍କୁ ଅଭିଯୁକ୍ତ ଦର୍ଶାଯିବା ଘଟଣା ପଦାକୁ ଆସିବା ପରେ ଏହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ଉଦଳା ଥାନାରେ ଘଟିଥିବା ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅଭିଯୁକ୍ତ ଯୁବକ ୨୦୧୮ ନଭେମ୍ବର ୮ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଜେଲରେ ଥିବାବେଳେ ପରବର୍ତ୍ତୀ ଚୋରି ଘଟଣା ସେହି ମାସ ୧୧ ତାରିଖରେ ଘଟିଥିବା କୁହାଯାଉଛି। ଏହି ଘଟଣାରେ ପୋଲିସର ତଦନ୍ତ ପ୍ରକ୍ରିୟା ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି।

### ନୂତନ କର୍ମକର୍ତ୍ତା ଚୟନ

ଉଦଳା,୧୭।୧୧(ଡି.ଏନ୍.ଏ.)- ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଉଦଳା ୟୁନିକ୍ ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ସନ୍ତୋଷ କୁମାର ବାଛିନୀ ସଭାପତି, କମଳାକାନ୍ତ ରଣା ଉପସଭାପତି, ମାନସ କୁମାର ପାଣି ସାଧାରଣ ସମ୍ପାଦକ, ସନ୍ଦୀପ ମହାନ୍ତି ସହ ସମ୍ପାଦକ, ଦୀପକ କୁମାର ପରିଡ଼ା କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ଆଶିଷ ରଥ, ନେତାଜୀ ରଥ ଏବଂ ଶୁଭାଶିଷ ପତିଙ୍କ ନାମ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ଦୀପକ ମିଶ୍ର, ପ୍ରଭାତ କୁମାର କର, ଅଭିଜିତ୍ ବେହେରା, ସମ୍ପୂର୍ଣ୍ଣ ହେମ୍ବ୍ରମ୍, ତପନ ପାତ୍ର, ଦୀପକ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

### ବିଦ୍ୟାଳୟରେ 'ପ୍ରେରଣା'

କପ୍ତିପଦା,୧୭।୧୧(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ତାଳପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରେରଣା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ନାରାୟଣ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଏସ୍ଏମ୍ସିର ଅଧ୍ୟକ୍ଷ ଗୁରୁଭା ସୋରେନ୍ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ସହକାରୀ ଶିକ୍ଷକ ଶଶୀକାନ୍ତ ଭୋଇ। ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, କମିଟିର ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଶିକ୍ଷକ ବାଦଲ ହେମ୍ବ୍ରମ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ନିତ୍ୟାନନ୍ଦ ସେଠୀ, ସନ୍ତୋଷ ସାହୁ, ଶିକ୍ଷୟିତ୍ରୀ ପ୍ରୀତିଲତା ବିଶ୍ୱାଳ, ହରପ୍ରିୟା ମାଣ୍ଡି, ତାପସୀ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ପୋଲିସ ସେବା, କାର୍ଯ୍ୟଶୈଳୀ ଉପରେ ସଚେତନତା କାର୍ଯ୍ୟକ୍ରମ

ରାଇରଙ୍ଗପୁର,୧୭।୧୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ପୋଲିସ ପ୍ରଶାସନର ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ପୋଲିସ ସର୍କଲର ବିଭିନ୍ନ ଥାନା ପକ୍ଷରୁ ମୋ ସରକାର କାର୍ଯ୍ୟକ୍ରମ, ପୋଲିସ ସେବା ଓ କାର୍ଯ୍ୟଶୈଳୀ ଉପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ଥାନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଥାନାଧିକାରୀ ରଞ୍ଜନ କୁମାର ସେଠୀ ଆଇନଶୃଙ୍ଖଳା ରକ୍ଷା ଏବଂ ସୁରକ୍ଷା ସହ ଥାନାରେ ପୋଲିସର ସେବା, ବିଭିନ୍ନ କାର୍ଯ୍ୟଶୈଳୀ ଉପରେ ସଚେତନ କରିଥିଲେ। ମହିଳା ଏବଂ ଶିଶୁ ଡେସ୍କ ଅଧିକାରୀ ସବ୍ଇନ୍ସପେକ୍ଟର ସଙ୍ଗୀତା ଦାସ ମହିଳା ଏବଂ ଶିଶୁ ସୁରକ୍ଷା ଉପରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏହା ବ୍ୟତୀତ ବାଦାମପାହାଡ଼, ଯାମଦା, ରାଇରଙ୍ଗପୁର, ତିରିଂ ଏବଂ ଗୋରୁମହିଷାଣୀ ଥାନା ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସମ୍ପୃକ୍ତ ଥାନାଧିକାରୀ ପୋଲିସର ସେବା ଓ କାର୍ଯ୍ୟଶୈଳୀ ଉପରେ ଆସ୍ଥା ରଖିବାକୁ ଛାତ୍ରୀମାନଙ୍କୁ କହିଥିଲେ।

# 'ପ୍ରତିଭା ପୂଜା ପରମ୍ପରା ପ୍ରଶଂସନୀୟ'

## ସଫଳ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧନା

ବାରିପଦା ଅଫିସ,୧୭।୧୧

ବାରିପଦା ରୋଟାରୀ ଭବନ ପରିସରରେ ବୋଇତ ବନ୍ଦାଣ ଉତ୍ସବ ସମିତି ତରଫରୁ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମିତିର ସଭାପତି ତପନ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଭିମନ୍ୟୁ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିଭା ପୂଜାର ପରମ୍ପରା ପ୍ରଶଂସନୀୟ ବୋଲି କହିବା ସହ ଏଭଳି କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନର ଉଦ୍ୟୋକ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ଶ୍ରୀରାମଚନ୍ଦ୍ର ମହାବିଦ୍ୟାଳୟର ଅଧ୍ୟକ୍ଷା ଅସୀମା ସାହୁ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର



ସମ୍ବର୍ଦ୍ଧିତ ପ୍ରତିଭା ଓ ଅତିଥିମାନେ।

ଏଭଳି ମହନୀୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଉଗ୍ରେଶ୍ୱର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ ହରନାରାୟଣ ମିଶ୍ର, ସାହିତ୍ୟିକା ଶାନ୍ତିଲତା ଆଚାର୍ଯ୍ୟ, କବି ସାଗରିକା ଦାସ ମହାନ୍ତି, ରମେଶ ଚନ୍ଦ୍ର ରାଉତ, ଦିଲୀପ ଚୌଧୁରୀ, ପ୍ରଭାତ ନନ୍ଦିନୀ ଦାସ, ସାବିତ୍ରୀ ରାଉତ, ତରୁଣ କୁମାର ବାରିକ ଓ କବିତା ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ପାର୍ବତୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ସନ୍ଧ୍ୟାରାଣୀ ପଣ୍ଡା, ଶିକ୍ଷକ ଅମିତାଭ ମିଶ୍ର, ଗୋପାଳ ଚନ୍ଦ୍ର ସାଓ, ଜ୍ଞାନରଞ୍ଜନ ତ୍ରିପାଠୀ, ଉଦୟନାଥ ଜେନା, ଜ୍ୟୋତ୍ସ୍ନାମଣି ଜେନା, ବିପ୍ଳବ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଚଷା ଭାଇ ମୋ ବୋଲ ଶୁଣ !**
**ବେଳ ଥାଉଁ ଥାଉଁ ବୁଣିବୁ ଧାନ ।**

ପାଗ ଅନୁସାରେ ଚାଷବାସ କରାଯିବା ଉଚିତ୍। ସଠିକ୍ ସମୟରେ ଚାଷକାର୍ଯ୍ୟ ଆରମ୍ଭ କରାଗଲେ ଚାଷରୁ ଭଲ ଅମଳ ମିଳିବାର ସମ୍ଭାବନା ରହିଥାଏ। ପରନ୍ତୁ ଚାଷକାର୍ଯ୍ୟରେ ହେଳା କଲେ ଲାଭ ପରିମାଣ କମିଯାଇଥାଏ। ସଅଳ ଧାନ ବୁଣିବା ଲାଭପ୍ରଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଠଖଣ୍ଡି କାଠିକି ଷୋଳଖଣ୍ଡି ଯନ୍ତ୍ରୀ,**
**ଅବୁଝାମଣା ରାଇଜରେ ପାଳବିଣ୍ଡା ମନ୍ତ୍ରୀ,**
**ପାଳବିଣ୍ଡା ମନ୍ତ୍ରୀଙ୍କର ଗୋଟିଏ ଆଖି କଣା,**
**ଛାଡ଼ି ପଳାଇବା ଏ ରାଇଜ, କୋଦିଣ୍ଡା ବୁଝାମଣା ।**

ରାଜା ଯେପରି ବିଚାରଶୂନ୍ୟ, ନୀତିନିୟମ ଶୂନ୍ୟ, କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ୍ୟ ତଦ୍ରୂପ। ସେ ରାଜାଙ୍କୁ ମଧ୍ୟ ଠିକ୍ ବାଟ ବତାଇବାକୁ ଅକ୍ଷମ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡ଼ିଯିବେ, ସେଥିପାଇଁ ମନ୍ତ୍ରୀ ପାଟିରେ ଗୋଟିଏ ପାଳବିଣ୍ଡା ମାରିଥାନ୍ତି। ଯେଉଁ ଦେଶରେ ନୀତିନିୟମ ନ ଥାଏ ସେ ଦେଶରେ ସୁବିଚାର ମିଳିପାରି ନ ଥାଏ। ଏପରିସ୍ଥଳେ ସେ ଦେଶ ଛାଡ଼ି ଚାଲିଯିବା ଶୁଭଙ୍କର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଲୋକସେବା ଅଧିକାର ଅଧିନିୟମ ନେଇ ସଚେତନତା ଶିବିର




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

ଠାକୁରମୁଣ୍ଡା,୧୭।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ସଭାଗୃହରେ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ-୨୦୧୨ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ସହଯୋଗରେ ଠାକୁରମୁଣ୍ଡା ତହସିଲ ପକ୍ଷରୁ ଆୟୋଜିତ ଏହି ଶିବିରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକର ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଉପାଧ୍ୟକ୍ଷା ଜବାମଣି ଟୁଡ୍ଡୁ, ବିଡ଼ିଓ ବିଜୟ କୁମାର ନାୟକ, ଅତିରିକ୍ତ ତହସିଲଦାର ମନୋଜ କୁମାର କାର୍ଜି, ଏଚଆରଏମଏସ ଜିଲା ସଂଯୋଜକ ଭାଗୀରଥି ବେହେରା ଯୋଗ ଦେଇଥିଲେ। ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ୨୦୧୨ଠାରୁ କାର୍ଯ୍ୟକାରୀ ହେଉଥିବା ବେଳେ ଏହି ନିୟମ ଅନୁଯାୟୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଜନସାଧାରଣ ଜାଣି ପାରୁ ନ ଥିବାରୁ ଏଭଳି ଶିବିର ଆୟୋଜନ ସହାୟକ ହେବ ବୋଲି ତହସିଲଦାର କହିଥିଲେ। ସେହିପରି ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ୫-ଟି ଯୋଜନା ସମ୍ପର୍କରେ ବିଡ଼ିଓ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦିବାକର ମାଝୀ, ଠାକୁରମୁଣ୍ଡା ଥାନା ଅଧିକାରୀ ନିରୋଜ କୁମାର ସାମଲ, କୃଷି ଅଧିକାରୀ କବିତା ବେହେରା, ଲ୍ୟାମ୍ପସ ଅଧିକାରୀ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ନିଜ ବିଭାଗରେ ଲୋକେ ପାଉଥିବା ସୁବିଧା ଓ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

## ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ ଦିବସ

ଠାକୁରମୁଣ୍ଡା/କୁଆମରା,୧୭।୧୧(ଡି.ଏନ୍.ଏ.)

ପାଞ୍ଚପୀଢ ଉପଖଣ୍ଡସ୍ତରୀୟ ଜାତୀୟ ପ୍ରେସ ଦିବସ କରଞ୍ଜିଆ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ସହକାରୀ ଜିଲାପାଳ ମନ୍ମଥ ନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଉପଜିଲାପାଳ ଦୁଃଖବନ୍ଧୁ ନାୟକ,ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ନାରାୟଣ ନାୟକ, ସାମ୍ବାଦିକ ଧରଣୀଧର ପ୍ରଧାନ, ଜନାର୍ଦ୍ଦନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଲୋକ ସମ୍ପର୍କ ବିଭାଗର ଗ୍ରନ୍ଥାଗାରିକ ଅରୁଣ ପାଣିଗ୍ରାହୀ, ଶ୍ରୀହରି ଦାସ, ସଚ୍ଚିଦାନନ୍ଦ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବ ପକ୍ଷରୁ ପଶୁଦାଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ମନୋରଞ୍ଜନ ଦାଶ, ମୁଖ୍ୟବକ୍ତା ପଶୁଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ କଟୁଆଳ, ସମ୍ମାନିତ ଅତିଥି ସରପଞ୍ଚ ମାଇନ ଟୁଡୁ ଓ ଚଡୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ହିରେନ ରାୟ, ସୟଦ ଟୁନୁ ବାବୁ, ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ ମଡୁଆଳ, ଦୀପକ ଚୌଧୁରୀ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ, ଯୋଗେଶ୍ୱର ସାହୁ, ସମ୍ପୂର୍ଣ୍ଣ ହେମ୍ବ୍ରମ ଓ ତପନ ପାତ୍ର ଉପସ୍ଥିତ ଥିଲେ। ପ୍ରେସ କ୍ଲବର ସମ୍ପାଦକ ଡକ୍ଟର କୁମାର ବାବୁଲି ଅତିଥି ପରିଚୟ ଓ ରଞ୍ଜନ ମଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ। ଜଗତାନନ୍ଦ ବାରିକ, ଜୟନ୍ତ କୁମାର ବାରିକ, ଦେବରଞ୍ଜନ କଟୁଆଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

ବହଳଦା,୧୭।୧୧(ଡି.ଏନ୍.ଏ.)

ନିଆଁରେ ପୋଡ଼ି ଗୁରୁତର ଆହତ ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ରବିବାର କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ବହଳଦା ଥାନା ଅନ୍ତର୍ଗତ ଦୁନ୍ଦୁ ଗାଁର ମହମ୍ମଦ ୱାସିମଙ୍କ ସ୍ତ୍ରୀ ମୁସରାତ ପରବିନ(୨୨)। ଜାମସେଦପୁର ଜୁଗସଲାଇର ପରବିନଙ୍କ ସହ ଦୁନ୍ଦୁ ଗାଁର ୱାସିମଙ୍କର ୩ବର୍ଷ ପୂର୍ବେ ବିବାହ ହୋଇଥିଲା। ତେବେ ଅଧିକ ଯୌତୁକ ପାଇଁ ତାଙ୍କ ଝିଆରୀକୁ ବାରମ୍ବାର ନିର୍ଯାତନା ଦିଆଯାଉଥିବା ଓ ହତ୍ୟାପରେ ପୋଡ଼ି ଦିଆଯାଇଥିବା ମୃତା ମହିଳାଙ୍କ କକା ମହମ୍ମଦ ସମିମ୍ ବହଳଦା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭୨/୧୯)ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତ ଅଧିକାରୀ ଏସ.ଆଇ ଭାସ୍କର ପ୍ରଧାନ କହିଛନ୍ତି। ଅନ୍ୟପକ୍ଷେ, ଶାଶୁଘର ଲୋକଙ୍କ କହିବା ଅନୁଯାୟୀ, ଶନିବାର ରୋଷେଇ କରୁଥିବା ବେଳେ ଗ୍ୟାସ୍ ପାଇପ୍ ଫାଟି ଯିବାରୁ ତାଙ୍କ ଶରୀରର ପ୍ରାୟ ୯୦ପ୍ରତିଶତ ପୋଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବାରିପଦାସ୍ଥିତ ପିଆରଏମ୍ ମେଡ଼ିକାଲ କଲେଜକୁ ନିଆଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବିଜ୍ଞାନମେଳାରେ ୨୧୬ ପ୍ରକଳ୍ପ ପ୍ରଦର୍ଶିତ

ବଡ଼ସାହି,୧୭।୧୧(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ବିବେକାନନ୍ଦ ଶିକ୍ଷା କେନ୍ଦ୍ରଠାରେ 'ଆମ ବିଦ୍ୟାଳୟ ବିଜ୍ଞାନ ମେଳା' ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପ୍ରତାପପୁର, ସାନବେଲାକୁଟି ଓ ରାଣୀବନ୍ଧ ସ୍କୁଲର ପିଲାମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ମୋଟ ୨୧୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପର୍ଯ୍ୟବେକ୍ଷକ ଭାବେ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ, ଅରବିନ୍ଦ ଶତପଥୀ, ରଣଜିତ୍ କୁମାର ମହାନ୍ତି ଓ ବିଶ୍ୱଜିତ୍ ମହାନ୍ତି ଯୋଗଦାନ କରି ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ସମସ୍ତ ଶିକ୍ଷାକେନ୍ଦ୍ରରୁ ୩ଟି ଲେଖାଏଁ ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ୫ଟି ଲେଖାଏଁ ପ୍ରକଳ୍ପ ପ୍ରାଦେଶିକସ୍ତରକୁ ମନୋନୀତ ହୋଇଥିବା ଜଣାପଡିଛି। ଏହି ଉପଲକ୍ଷେ ଆୟୋଜିତ ଉଦ୍ଯାପନୀ ସଭାରେ ସମାଜସେବୀ ବସନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ପିଲାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଦିଗରେ ବିଜ୍ଞାନ ମେଳାର ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ରେବତୀର ସମ୍ପାଦିକା ସୁବାସିନୀ ଜେନା ମୁଖ୍ୟଅତିଥି, ଡକ୍ଟର ସରୋଜ ନାୟକ ମୁଖ୍ୟବକ୍ତା ଏବଂ ସର୍ବେଶ୍ୱର ଜେନା, କବି ଅମିତାଭ ମିଶ୍ର, ନାଟ୍ୟକାର ମନୋରଞ୍ଜନ ବେହେରା, ରାଜେନ୍ଦ୍ର ଜେନା, କବି ସାଗରିକା ଦାସ, ଜେଜେ ଗୁରୁଜୀ ବେଣୁଧର ଜେନା ଓ ଅରବିନ୍ଦ ଶତପଥୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାଣୀପୀଠରୁ ପ୍ରକାଶିତ ମାସିକ ଶିଶୁ ପତ୍ରିକା 'ଆମ ସୁନାଚାନ୍ଦ'ର ନଭେମ୍ବର ସଂଖ୍ୟା ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବଡ଼ସାହି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ ଏହି ବିଜ୍ଞାନମେଳାକୁ ଉଦ୍ଘାଟନ କରିଥିଲେ।

# ଇପିଏଫ୍ ପେନ୍ସନର୍ସ ଆସୋସିଏଶନର ବୈଠକ



ବୈଠକରେ ଉପସ୍ଥିତ ସଂଗଠନର କର୍ମକର୍ତ୍ତା।

ବାରିପଦା ଅଫିସ,୧୭।୧୧

ମୟୂରଭଞ୍ଜ ଜିଲା ବାରିପଦା ଟକଟପୁରଠାରେ ଅଲ ଓଡ଼ିଶା ଇପିଏଫ ପେନ୍ସନର୍ସ ଆସୋସିଏଶନ ତରଫରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୃଷ୍ଣଚନ୍ଦ୍ର ସାହୁ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ସଂଘର ସଭ୍ୟାସଭ୍ୟଙ୍କୁ ଅବଗତ କରାଇଥିଲେ। ବୈଠକରେ ସର୍ବନିମ୍ନ ପେନସନ ୯ ହଜାର ଟଙ୍କାକୁ ବୃଦ୍ଧି କରାଯିବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବର୍ଦ୍ଧିତ ପେନସନ ପ୍ରଦାନ କରାଯିବା ଓ ସରକାରୀ ହାରରେ ମହଙ୍ଗା ଭତ୍ତା ପ୍ରଦାନ ଏବଂ ଆୟୁଷ୍ମାନ ଭାରତ ଯୋଜନାରେ ସମସ୍ତ ପେନସନ ଭୋଗୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ଆଦି ଦାବି ଗୁଡ଼ିକ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲାର ବିଭିନ୍ନ ଶିଳ୍ପ ସଂସ୍ଥା, ସରକାରୀ କର୍ମଚାରୀ ଓ ଅର୍ଦ୍ଧସରକାରୀ କର୍ମଚାରୀମାନେ ବୈଠକରେ ଯୋଗଦେଇ ଉପରୋକ୍ତ ଦାବିଗୁଡ଼ିକୁ ସମର୍ଥନ କରିଥିଲେ। ସଭାରେ ସ୍ପିନିଂ ମିଲର ଗୋପାଳ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିବାବେଳେ ଉଠାଜଳସେଚନ ନିଗମର ମଦନ ମୋହନ ଜେନା ଓ ରାମଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ବାଲେଶ୍ୱର ଜିଲା ସଂଗଠନର ସନ୍ନ୍ୟାସୀ ବେହେରା ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଦାବିଗୁଡିକୁ ସମର୍ଥନ କରିଥିଲେ। କମିଟିର ଶମ୍ଭୁନାଥ ଜେନା, ଦୁର୍ଜୟ ବେହେରା, ବସନ୍ତ କୁମାର ମିଶ୍ର, ଶିବଶଙ୍କର ଗିରି, ଅଜିତ କୁମାର ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୧୫୧ ୟୁନିଟ୍ ରକ୍ତ ସଂଗ୍ରହ



ଅତିଥିମାନେ ଶିବିରକୁ ଉଦ୍ଘାଟନ କରୁଛନ୍ତି।

ବାରିପଦା ଅଫିସ,୧୭।୧୧

ବାରିପଦା ସହରର ଭଞ୍ଜପୁରଠାରେ ଚାଲିଥିବା ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମେଳା କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଶାନ୍ତ ପଟ୍ଟନାୟକ, ଉପାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଳ, ରେଡକ୍ରସ ସଦସ୍ୟ ଅମର ସେଠୀ, ବାରିପଦା ସଦର ଏସଡିପିଓ କେ.କେ ହରିପ୍ରସାଦ ଓ ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦ୍ଘାଟନ କରିଥିଲେ। ଶିବିରରେ ମୋଟ ୧୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯେଉଁଥିରେ ୧୧ ଜଣ ମହିଳା ରକ୍ତଦାନ କରି ଉଦାହରଣ ସୃଷ୍ଟି କରିଥିଲେ। ବ୍ଲଡ ବ୍ୟାଙ୍କ ଅଫିସର ଡା.ପ୍ରଶାନ୍ତ ଦାସ, ପଣ୍ଡୁରିକାକ୍ଷ ଦାସ, ରୁଚିକା ଖୁରାନା, ଧ୍ରୁବ ଦେ, ନବ ପଲେଇ, ଶକୁନ୍ତଳା ମହାନ୍ତ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

## ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଚିତ୍ରଡ଼ା, ୧୭।୧୧ (ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମହାବିଦ୍ୟାଳୟ ରସାୟନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଭାସ ଗିରି, ଅଧ୍ୟାପକ ନିଶିକାନ୍ତ ଗିରି ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ୪ ଜଣ ଛାତ୍ରୀଛାତ୍ର ବିଷୟବସ୍ତୁ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଅଧ୍ୟାପକ ତାପସ କୁମାର ବୋଷ, ସୁବିର ବୋଷ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ କାମଦେବ ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ'

ରାଇରଙ୍ଗପୁର,୧୭।୧୧(ଡି.ଏନ୍.ଏ.):



ବୈଠକରେ ଉପସ୍ଥିତ ଠିକାଦାର ସଂଘର କର୍ମକର୍ତ୍ତା।

ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ରବିବାର ଓଡ଼ିଶା ରାଜ୍ୟ ମହାସଂଘର ୧୦ ଦଫା ଦାବି ନେଇ ରାଇରଙ୍ଗପୁର ଠିକାଦାର ସଂଘ ଶାଖା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

ସଂଘ ସଭାପତି ସୁବାସ ଚନ୍ଦ୍ର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ମୟୂରଭଞ୍ଜ ଜିଲା ଠିକାଦାର ସଂଘର ଉପସଭାପତି ତରୁଣ କୁମାର ମହାନ୍ତି, ଉଦଳା ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଏବଂ ସାଧାରଣ ସମ୍ପାଦକ ନନ୍ଦକିଶୋର ବିନ୍ଧାଣୀ ପ୍ରମୁଖ ଯୋଗଦେଇଥିଲେ। ଚଳିତ ମାସ ୧ ତାରିଖଠାରୁ ୧୦ ଦଫା ଦାବି ନେଇ ଠିକାଦାର ମହାସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଛି। ୧୭ ଦିନ ହେଲା ଏହି ଆନ୍ଦୋଳନ ଚାଲିଥିଲେ ମଧ୍ୟ ରାଜ୍ୟ ସରକାର ଦାବି ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଫଳରେ ସଂଘର କର୍ମକର୍ତ୍ତାମାନେ ରାଜ୍ୟସରକାର ଓ ସମ୍ପୃକ୍ତ ବିଭାଗକୁ କଡ଼ା ସମାଲୋଚନା କରିଛନ୍ତି। ଆସନ୍ତା ୨୨ତାରିଖରେ ରାଜ୍ୟ ନିର୍ମାଣ ସୌଧ ସମ୍ମୁଖରେ ଠିକାଦାରମାନଙ୍କ ପକ୍ଷରୁ ଗଣ ବିକ୍ଷୋଭ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସମ୍ପାଦକ ପ୍ରଦୀପ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ରାଇରଙ୍ଗପୁର, କରଞ୍ଜିଆ, ଉଦଳା ଏବଂ ମୟୂରଭଞ୍ଜ ଠିକାଦାର ସଂଘର ବହୁ ସଦସ୍ୟ ଯୋଗଦେଇଥିଲେ।

# ଦୋଛକିରେ ଭାରତମାଳା ପ୍ରକଳ୍ପ

**ଭଦ୍ରକ ଅଫିସ,୧୭।୧୧**


ନିର୍ମାଣାଧୀନ ଜାମୁଝାଡିରୁ ଧାମରା ରାସ୍ତା।

■ ବିଜ୍ଞପ୍ତିରେ ସୀମିତ ପ୍ରକଳ୍ପର ଭାଗ୍ୟ
■ ବର୍ଷେ ହେଲା ହୋଇନି କୌଣସି ଅଗ୍ରଗତି
■ ଏବେ ପୂର୍ତ୍ତବିଭାଗ ଆରମ୍ଭ କରିଛି ରାସ୍ତା କାମ

କେନ୍ଦ୍ର ସରକାରଙ୍କ ଭାରତମାଳା ପ୍ରକଳ୍ପ ଏବେ ଦିଗହରା ହୋଇ ପଡ଼ିଛି। ଏହି ପ୍ରକଳ୍ପ ସକାଶେ ବିଜ୍ଞପ୍ତି ଜାରି ସତ୍ତ୍ୱେ ଏହାର କାର୍ଯ୍ୟକାରିତା ନେଇ ଆଉ କିଛି ସୂଚନା ମିଳୁ ନାହିଁ। ଭଦ୍ରକ ଜିଲାର ଧାମରା ବନ୍ଦରଯାଏ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସକାଶେ ପରିବହନ ଓ ରାଜପଥ ବିଭାଗ ପକ୍ଷରୁ ଉକ୍ତ ପ୍ରକଳ୍ପ ପରିକଳ୍ପନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାମଝାଡିରୁ ଧାମରା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେବ ବୋଲି ଯୋଜନା କରାଯାଇ ପ୍ରାଥମିକ ପର୍ଯ୍ୟାୟରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଦିଗରେ ବର୍ଷେ ହେଲା କିଛି ଅଗ୍ରଗତି ନ ହେବାରୁ ଏବେ ପୂର୍ତ୍ତବିଭାଗ ସେହି ରାସ୍ତାରେ କାର୍ଯ୍ୟାରମ୍ଭ କରିଛି। ଭାରତମାଳା ପ୍ରକଳ୍ପ ଅଧୀନରେ ଚାରିଥାକିଆ ରାସ୍ତା କରାଯିବା ଯୋଜନା ଥିବା ବେଳେ ଏବେ ତିନିଥାକିଆ ରାସ୍ତା ହେଉଛି। ଏଣୁ ଭାରତମାଳା ପ୍ରକଳ୍ପର ଭାଗ୍ୟ ଦୋଛକିରେ ଅଟକ ରହିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।

ଉଲ୍ଲେଖନୀୟ ଯେ, ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଜାମଝାଡ଼ିଠାରୁ ଧାମରା ପର୍ଯ୍ୟନ୍ତ ପ୍ରାୟ ୬୧.୬୬୦ କି.ମି. ରାସ୍ତା ଭାରତମାଳା ପ୍ରକଳ୍ପ ମାଧ୍ୟମରେ କରାଯିବାକୁ ସ୍ଥିର ହୋଇଥିଲା। ତଦନୁଯାୟୀ ଏନ୍‌ଏଚ୍‌ଏଆଇ ପକ୍ଷରୁ ଏହି ରାସ୍ତାର ନାମକରଣ ଜାତୀୟ ରାଜପଥ ସଂଖ୍ୟା ୩୧୬(ଏ) ରଖାଯାଇଥିଲା। ଏଥିପାଇଁ ଭଦ୍ରକର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କୁ ପ୍ରାଧିକୃତ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିଲା। ରାସ୍ତା ନିର୍ମାଣ ହେଲେ ବାସୁଦେବପୁର ବ୍ଲକର ୩୭ ଓ ଚାନ୍ଦବାଲି ବ୍ଲକର ୧୯ ଗାଁକୁ ମିଶାଇ ମୋଟ ୫୬ ଗାଁ ପ୍ରଭାବିତ ହେବ ବୋଲି ଦର୍ଶାଯାଇଥିଲା। ଭଦ୍ରକ ଜିଲାର ହରିଶରଣ ବିନ୍ଧାରୁ ଧାମରା ଜୟ ଦୁର୍ଗାପାଟଣା ପର୍ଯ୍ୟନ୍ତ ଏହି ରାସ୍ତା ଲମ୍ବିବ । ପ୍ରାଥମିକ ଆକଳନ ଅନୁଯାୟୀ ପ୍ରଥମ ଦଫାରେ ୨୮ ଗାଁର ୫୩୫ ଏକର ୮ ଡେସିମିଲ ବା ୨୧୬.୫୪୯ ହେକ୍ଟର ଜମି ଅଧିଗ୍ରହଣ କରାଯିବା ସକାଶେ ଜାତୀୟ ରାଜପଥ ଧାରା ୩ (କ) ଅନୁଯାୟୀ ପ୍ରାଧିକୃତ ଅଧିକାରୀଙ୍କ ପକ୍ଷରୁ ଭାରତ ସରକାରଙ୍କ ନିକଟକୁ ଭୁବନେଶ୍ୱର ଏନ୍‌ଏଚ୍ ଏଆଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ମାଧ୍ୟମରେ ପ୍ରସ୍ତାବ ପଠାଯାଇଥିଲା। ରାସ୍ତା ସକାଶେ ମୋଟ ୧୫୦୦ ହିତାଧିକାରୀଙ୍କ ୧୬୬୧ ଟି ପ୍ଲଟ ପ୍ରଭାବିତ ହେବ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ରିପୋର୍ଟ ଦିଆଯାଇଥିଲା। ଏହାମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ବି ଏହି ପ୍ରକଳ୍ପର ଭାଗ୍ୟ କେବଳ ବିଜ୍ଞପ୍ତିରେ ସୀମିତ ରହିଛି। ଫଳରେ ଜମି ହରାଉଥିବା ଲୋକେ ଏବେ ଜମିରେ ଚାଷ କରିପାରୁ ନାହାନ୍ତି କି ଏହାକୁ ବିକ୍ରିବଟା କରିପାରୁ ନାହାନ୍ତି ବୋଲି ଅଭିଯୋଗ କରୁଛନ୍ତି। ଅପରପକ୍ଷେ ଉକ୍ତ ପ୍ରକଳ୍ପ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ନିଯୁକ୍ତି ପାଇଥିବା ୪ ଜଣ କର୍ମଚାରୀ ଦୀର୍ଘ ୫ ମାସ ଧରି ଦରମା ପାଇନାହାନ୍ତି। ଏଭଳି ସ୍ଥିତିରେ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିର୍ମାଣ ସକାଶେ ଟେଣ୍ଡର କରାଯାଇ ତିନିଥାକିଆ ରାସ୍ତା କାମ ଆରମ୍ଭ ହୋଇଛି। ପୂର୍ତ୍ତ ବିଭାଗ, ଡିପିସିଏଲ୍(ଆଦାନୀ) ଓ ପ୍ରତିରକ୍ଷା ବିଭାଗ (ଡିଆର୍‌ଡିଓ) ଉପରେ ଏହାର ମିଳିତ ନିର୍ମାଣ ଦାୟିତ୍ୱ ନ୍ୟସ୍ତ ହୋଇଥିବା କୁହାଯାଉଛି। ଭୁବନେଶ୍ୱରର ଏକ ଘରୋଇ କମ୍ପାନୀ ଦ୍ୱାରା ପ୍ରକଳ୍ପର ପ୍ରାଥମିକ ପର୍ଯ୍ୟାୟ ବ୍ୟୟ ଅଟକଳ ୨୧୨ କୋଟି ଟଙ୍କା ବୋଲି ଦର୍ଶାଯାଇଛି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର୍ ଅମୀୟ ପଟ୍ଟନାୟକଙ୍କୁ ପଚାରିବାରୁ କହିଛନ୍ତି, ଭାରତମାଳା ପ୍ରକଳ୍ପ ବାବଦରେ ଏକ ରାଜ୍ୟସ୍ତରୀୟ କମିଟି ଗଢାଯାଇ ଅସ୍ଥାୟୀ ଭାବେ ଏହାକୁ ବନ୍ଦ ରଖାଯିବା ପରେ ଏବେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ କାର୍ଯ୍ୟାରମ୍ଭ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଭାରତମାଳା ପ୍ରକଳ୍ପ କାର୍ଯ୍ୟ କରିବ ବୋଲି ସେ ଦର୍ଶାଇଛନ୍ତି। ଭଦ୍ରକ ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ କହିଛନ୍ତି, ଉକ୍ତ ପ୍ରକଳ୍ପ ପାଇଁ ବିଜ୍ଞପ୍ତି ଜାରି ହେବା ପରେ ଏହାକୁ ଅନୁମୋଦନ ଦେବା ଲାଗି ଏକବର୍ଷ ପୂର୍ବେ ପ୍ରସ୍ତାବ ପଠାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏ ସମ୍ପର୍କରେ କୌଣସି ଚିଠି ଆସିନାହିଁ। ଆସିବା ପରେ ଏହି ପ୍ରକଳ୍ପ ନେଇ ସ୍ପଷ୍ଟ ଚିତ୍ର ମିଳି ପାରିବ ।

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କୁ ନେଇ ବୈଠକ

**ବନ୍ତ,୧୭।୧୧(ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡା ଥାନା ଅନ୍ତର୍ଗତ ରାଜନଗର ମଙ୍ଗଳପୁର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରବିବାର ଅଣିଜୋ ପଞ୍ଚାୟତ ସ୍ତରୀୟ ବରିଷ୍ଠ ନାଗରିକଙ୍କର ଏକ ବୈଠକ ଶିକ୍ଷାବିତ ରାମଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଣିଜୋ ପଞ୍ଚାୟତର ସରପଞ୍ଚ ଜଗବନ୍ଧୁ ବେହେରା, ଆଗରପଡ଼ା ଥାନାଧିକାରୀ ମୋନାଲିସା କର, ଚିନ୍ତାମଣି ପଣ୍ଡା ଅତିଥି ଭାବେ ଯୋଗଦେଇ ବୟୋଜ୍ୟେଷ୍ଠ ନାଗରିକଙ୍କ ସମସ୍ୟା ଓ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକଙ୍କ ଜୀବନ ଧାରଣର ମାନରେ ଉନ୍ନତି ଅଣାଯିବା ସହ ସେମାନଙ୍କ ଅନୁଭୂତିକୁ କିଭଳି କାର୍ଯ୍ୟରେ ବ୍ୟବହାର କରାଯିବ ସେ ନେଇ ବକ୍ତାମାନେ ମତ ରଖିଥିଲେ। ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ଯୋଗାଇଦେବାକୁ ବୈଠକରେ ଦାବି କରାଯାଇଥିଲା। ସମ୍ପାଦକ ଅନନ୍ତ ଚରଣ କଟୁଆଳ, କୃପାସିନ୍ଧୁ ଭୋଳ, ବୈକୁଣ୍ଠ ଦାଶ, ରତ୍ନାକର ପଣ୍ଡା, ମଣୀଭଦ୍ର ସାହୁ, ଅନନ୍ତ ଚରଣ ଯେନା, ବାବାଜୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳିତ

**ଭଦ୍ରକ ଅଫିସ, ୧୭।୧୧:** ବହୁଜନ ସମାଜ ପାର୍ଟି, ଭଦ୍ରକ ଲୋକସଭା ଶାଖା ଆନୁକୂଲ୍ୟରେ ଭଣ୍ଡାରିପୋଖରୀ ଫତେପୁର ରଣଡ଼ିହଠାରେ ଶହୀଦ ବର୍ସାମୁଣ୍ଡାଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ପଞ୍ଚାନନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଏବଂ ଯାଜପୁର ଏବଂ ବାଲେଶ୍ୱର ଲୋକ ସଭା ଜୋନ ପ୍ରଭାରୀ ଆଇନଜୀବୀ ଅର୍ଜୁନ ଚରଣ ମଲ୍ଲିକ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲା ସାଧାରଣ ସମ୍ପାଦକ ଇଞ୍ଜିନିୟର ରାଜୀବ ଲୋଚନ ଜେନା କ୍ରାନ୍ତିକାରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବାସହ ବିର୍ସା ମୁଣ୍ଡାଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ । ସଭାର ଆୟୋଜକ ବିଜୁଳୀ ମୁଣ୍ଡା, ବାସୁରୀ ମୁଣ୍ଡା, ଲକ୍ଷ୍ମୀମୁଣ୍ଡା, ଶାନ୍ତିଲତା ମୁଣ୍ଡା ଏବଂ ଭଣ୍ଡାରୀପୋଖରୀ ବିଧାନସଭା ଉପସଭାପତି ସୁବାସ ଚନ୍ଦ୍ର ଜେନା ଓ ଜିଲା ବିଭିଏଫ୍ ନିର୍ମଳ ଜେନା ସମେତ ମକର ମୁଣ୍ଡା, ରମେଶ ଚନ୍ଦ୍ର ଜେନା, ଅଭିମୁଣ୍ଡା, ଅଜୟ ମୁଣ୍ଡା, ଶ୍ରୀକାନ୍ତ ମୁଣ୍ଡା ସମେତ ସତାଧିକ କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ଝୁଲନ୍ତା ଅବସ୍ଥାରେ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ଧାମନଗର ୧୭।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ କଟସାହି ପଞ୍ଚାୟତ ପାଟଣା ସାହି ଗ୍ରାମର ମାନସ ସେନାପତି (୧୬) ନାମକ ଜଣେ ଛାତ୍ରଙ୍କ ମୃତଦେହ କପାଳି ନଦୀ ସ୍ଲୁଇସ ଗେଟ୍ ନିକଟ ଏକ କରଞ୍ଜ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି । ସେ ରବିବାର ସକାଳେ ଟ୍ୟୁସନ ଯାଇ ଘରକୁ ଫେରିବା ପରେ ଶହୀଦ ନଗର ବଜାରକୁ ଜିନିଷ କିଣିବାକୁ ଯାଇଥିଲେ । ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ମୃତଦେହ ଠାବ କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲଣା (ନଂ.୨୭/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନାହିଁ ବୋଲି ଥାନାର ସେକେଣ୍ଡ ଅଫିସର ବିଭୂତି ଭୂଷଣ ସ୍ୱାଇଁ ସୂଚନା ଦେଇଛନ୍ତି ।

### ରାସ୍ତା ପାଲଟିଛି ମରଣଯନ୍ତା

**ବନ୍ତ, ୧୭।୧୧(ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡ଼ା- ବନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଆଡିଆରୁ ନୂଆପୋଖରୀ ୨ କି.ମି. ରାସ୍ତା ମଝିରେ ଦୁଇ ସପ୍ତାହ ହେବ ୩ରୁ ଅଧିକ ଗର୍ତ୍ତ ସୃଷ୍ଟି ହୋଇ ଯାତ୍ରୀଙ୍କ ଲାଗି ମରଣଯନ୍ତା ପାଲଟିଛି। କଲଭର୍ଟରେ ହ୍ୟୁମ୍ ପାଇପ ସଂଯୋଗ ସ୍ଥଳରେ ଏପରି ଗର୍ତ୍ତ ସୃଷ୍ଟି ହୋଇଛି। ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ପଥଚାରୀ ଓ ଯାନବାହନ ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମିୟ ରଞ୍ଜନ ନାୟକଙ୍କୁ ପଚାରିବାରୁ ବର୍ତ୍ତମାନ ଠିକାଦାରଙ୍କ ଆନ୍ଦୋଳନ ଚାଲିଥିବାରୁ ଗର୍ତ୍ତ ପୋତାଯାଇ ପାରୁନାହିଁ ବୋଲି କହିଛନ୍ତି।

## ଯୁବକଙ୍କୁ ଆକ୍ରମଣ

### ଉଭୟ ପକ୍ଷରୁ ୨ ମାମଲା ରୁଜୁ

**ତିହିଡ଼,୧୭।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବୁଧପୁର ଗ୍ରାମରେ ରବିବାର ଘଟିଥିବା ଏକ ଗଣ୍ଡଗୋଳ ଘଟଣା ନେଇ ଉଭୟପକ୍ଷଙ୍କ ଅଭିଯୋଗ କ୍ରମେ ପୋଲିସ ୨ଟି ମାମଲା (ନଂ ୪୮୮/୧୯ ଓ ୪୮୯/୧୯) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ଗ୍ରାମର ଗତିକାନ୍ତ ଜେନା ନାମକ ଜଣେ ଯୁବକଙ୍କୁ ରବିବାର ସକାଳେ ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ତାଙ୍କ ବଡ଼ଭାଇ ଅଭିଯୋଗ କରିଛନ୍ତି। ଗୁରୁତର ଆହତ ହୋଇଥିବା ଗତିକାନ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପରେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ବଡ଼ଭାଇ ମୁକ୍ତିକାନ୍ତ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତିକାନ୍ତ ଅନ୍ୟ ଜଣେ ଯୁବକଙ୍କ ସହ ନନ୍ଦପୁର ବଜାରଠାରୁ କିଛି ଦୂରରେ ଠିଆ ହୋଇଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ତାଳପଦା ଗୋପସାହି ଗ୍ରାମର ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ଅଭିଯୁକ୍ତଙ୍କ ସ୍ତ୍ରୀ ଥାନାରେ ପାଲଟା ଅଭିଯୋଗ କରି ଗତିକାନ୍ତ ଓ ତାଙ୍କ ଭାଇ ତାଙ୍କ ଘର ଫାଟକକୁ ବାଡ଼େଇବା ସହ ଗାଳିଗୁଲଜ କରିଥିବା ଦର୍ଶାଇଛନ୍ତି। ଘଟଣାର ତଦନ୍ତ ପରେ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

## ଚର୍ଚ୍ଚାରେ 'ଭଦ୍ରିକିଆ ଟୋକା'


ପ୍ରଯୋଜକ ବିଦ୍ୟୁତ୍ ନାୟକ।

**ଭଦ୍ରକ ଅଫିସ, ୧୭।୧୧:** ଓଡ଼ିଆ କଥାସାହିତ୍ୟର ଜନକ ଫକୀରମୋହନ ସେନାପତିଙ୍କ ପ୍ୟାଟେଣ୍ଟ ମେଡିସିନ ଗଳ୍ପରେ 'ଭଦ୍ରିକିଆ ଟୋକା' ପ୍ରସଙ୍ଗ ରହିଛି। ସମୟ କ୍ରମେ ଏହି କଥା ପଦକ ଲୋକମୁଖରେ ବହୁ ପ୍ରଚଳିତ ହୋଇ ଆସିଛି। ଏବେ ଭଦ୍ରକ ଜିଲାର ଯୁବ ଗୋଷ୍ଠୀଙ୍କ ମୋବାଇଲରୁ ମୋବାଇଲକୁ ଘୂରିବୁଲୁଛି 'ଭଦ୍ରିକିଆ ଟୋକା ଆଲବମ୍'। ଅନେକ ଦର୍ଶକ ଏହି ଆଲବମ୍‌ର ଗୀତକୁ ଦେଖିଲେଣି ଓ ଶୁଣିଲେଣି। ଏଥିର ଭଦ୍ରକ ଟୋକାଙ୍କ ବିଭିନ୍ନ ପସନ୍ଦକୁ ନେଇ ସହରର ବିଭିନ୍ନ କୋଣାନୁକୋଣରୁ ସୁଟିଂ କରାଯାଇଛି। ଏପରିକି ଭଦ୍ରକର ପ୍ରସିଦ୍ଧ ପାଲୁଅ ଲଡ୍ଡୁ ପ୍ରସଙ୍ଗ ସ୍ଥାନ ପାଇଛି। ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳ ରାଜଘରପୋଖରୀ ପଞ୍ଚାୟତର ଲକ୍ଷ୍ମୀପ୍ରସାଦ ଗାଁର ଉତ୍ସାହୀ ଯୁବକ ବିଦ୍ୟୁତ୍ ନାୟକ(୩୫) ଏହି ଗୀତର ପ୍ରଯୋଜକ ଦାୟିତ୍ୱ ତୁଲାଇଛନ୍ତି। ସେ ଯଦିଓ ମୁମ୍ବାଇରେ ରୁହନ୍ତି, ତେବେ ଜିଲା ପାଇଁ ଏହିଭଳି ଗୀତ ପ୍ରସ୍ତୁତ କରି ୟୁଟ୍ୟୁବ୍ ମାଧ୍ୟମରେ ପ୍ରଚାର କରିଛନ୍ତି। ଏହି ଗୀତର ଲୋକପ୍ରିୟତା ଦେଖି ସେ ବେଶ ଖୁସି ବ୍ୟକ୍ତ କରିଛନ୍ତି। ପୂର୍ବରୁ ସେ 'କଥାକୁହା କଣ୍ଢେଇ' ନାମକ ଏକ ଆଲବମ୍ ପ୍ରସ୍ତୁତ କରି ଲୋକପ୍ରିୟତା ହାସଲ କରିଥିଲେ। ଏବେ ପ୍ରସ୍ତୁତ କରିଥିବା ୪ ମିନିଟ୍ ୫୦ ସେକେଣ୍ଡର ଭଦ୍ରିକିଆ ଟୋକା ଆଲବମ୍‌ରେ ହ୍ୟୁମାନ ସାଗର ଗୀତ ଗାଇ ଲୋକଙ୍କ ମନ ମୋହୁଛନ୍ତି। ବିଦ୍ୟୁତ୍ ଦୁଇଦିନ ପାଇଁ ନିଜ ଘର ବାସୁଦେବପୁରକୁ ଆସିଥିବା ଅବସରରେ ତାଙ୍କୁ ବିଭିନ୍ନ ସଙ୍ଗଠନ ଓ ବହୁ ଯୁବଗୋଷ୍ଠୀ ଭେଟି ସାଧୁବାଦ ଜଣାଇଛନ୍ତି। ଆଲୋଚନା ଅବସରରେ ସେ ଭଦ୍ରକର ଐତିହାସିକ ପୀଠ ଓ ସଂଗ୍ରାମୀମାନଙ୍କ ଗାଥାକୁ ନେଇ ଅନ୍ୟ ଏକ ଟେଲି ଚଳଚ୍ଚିତ୍ର ଖୁବ୍‌ଶୀଘ୍ର ରିଲିଜ କରିବାକୁ ଯାଉଥିବା ଏହି ପ୍ରତିନିଧିଙ୍କୁ କହିଛନ୍ତି।

## ଜିଲା ମହୋତ୍ସବ ହେବ ଲୋକାଭିମୁଖୀ

**ଭଦ୍ରକ ଅଫିସ, ୧୭।୧୧:** ଆସନ୍ତା ଜାନୁୟାରୀ ୨୦ ତାରିଖରେ ଭଦ୍ରକ ଜିଲା ମହୋତ୍ସବ ଆୟୋଜନ କରାଯିବ ବୋଲି କମିଟି ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଛି। ଏଥର ସପ୍ତମ ବର୍ଷ ଭଦ୍ରକ ଜିଲା ମହୋତ୍ସବକୁ ଅଧିକ ଲୋକାଭିମୁଖୀ କରିବା ଲାଗି ବୈଠକରେ ଆଲୋଚନା ହୋଇଥିଲା। ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ କମିଟି କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୧୬ ଜଣିଆ କୋର କମିଟି ଚୟନ କରାଯାଇଥିଲା । କୋର୍ କମିଟିର ନିଷ୍ପତ୍ତି ଅନୁଯାୟୀ ମହୋତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ରାଜ୍ୟ ଓ ରାଜ୍ୟ ବାହାରୁ ସାଂସ୍କୃତିକ କଳାକାରମାନଙ୍କୁ ଆମନ୍ତ୍ରଣ କରାଯିବା ସହ ଓଡ଼ିଶାର ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଭଦ୍ରକର ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ତାଙ୍କର ସହମତି କ୍ରମେ ମହୋତ୍ସବର ଅଧ୍ୟକ୍ଷ ଏବଂ ଖବରଦାତା ପ୍ରମୋଦ ରାୟ ଓ ଏସ୍ ଶଶିଭୂଷଣ ସ୍ୱାମୀଙ୍କୁ ଉପସଭାପତି ଭାବେ ମନୋନୟନ କରାଯାଇଥିଲା। କୋଷାଧ୍ୟକ୍ଷ ଭାବେ ଖବରଦାତା ତପନ ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରକାଶଜ୍ୟୋତି ମହାକୁଡ଼, ବିଭୂତି ଭୂଷଣ ସାହୁ, ସତ୍ୟପ୍ରକାଶ ସେଠୀ, ରାକେଶ ଦାସଙ୍କୁ ଯୁଗ୍ମ ସମ୍ପାଦକ, ସମାଜସେବୀ ରାଜଲକ୍ଷ୍ମୀ ମହାପାତ୍ରଙ୍କୁ ସଙ୍ଗଠନ ସମ୍ପାଦକ ରୂପେ ମନୋନୀତ ହୋଇଥିଲେ।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ଭଣ୍ଡାରିପୋଖରୀ, ୧୭।୧୧(ଡି.ଏନ୍.ଏ.)**


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଚିତ୍ରାଙ୍କନ କରୁଛନ୍ତି।

ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଞ୍ଜୁରିରୋଡ଼ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବତନ ଶିକ୍ଷକ ରାଧାଶ୍ୟାମ ସାହୁ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରର ସଂଯୋଜକ ଶ୍ରୀପତି ଜେନା, ନିର୍ଦ୍ଦେଶକ ଗଜେନ୍ଦ୍ର ସାହୁ, ଶିଶୁ ସାହିତ୍ୟିକ କିଶୋର ଚନ୍ଦ୍ର ଦାସ, ତପନ କୁମାର ସାହୁ, ଅଧ୍ୟାପକ ବିନାୟକ ଘୋଷ, ବନମାଳୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଜୁରିରୋଡ଼ ଶିଶୁ ମନ୍ଦିରରେ ୨୬୧ ଜଣ, ଶାରଦା ବିଦ୍ୟାମନ୍ଦିରରେ ୩ଟି ବର୍ଗରେ ମୋଟ ୧୩୦ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ନିରୀକ୍ଷକ ଭାବେ ପବନ କୁମାର ନାୟକ, ଚିତ୍ତରଞ୍ଜନ ନାୟକ, ଦୀଲିପ ଜେନା, ସୁସ୍ମିତା ସ୍ୱାଇଁ, ଅନୀତା ସ୍ୱାଇଁ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ସେହିପରି କୁଲଣା ସ୍ଥିତ ବିଶୋଳ କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠରେ ମୋଟ ୨୨୬ ଜଣ ପ୍ରତିଯୋଗୀ ଚିତ୍ରାଙ୍କନରେ ଅଂଶଗ୍ରହଣ କରିଥିଲେ। ଦେବେନ୍ଦ୍ର ପଟ୍ଟନାୟକ, ବିଜୟ ମହାପାତ୍ର, ମହେଶ୍ୱର ଲେଙ୍କା, ବିବେକାନନ୍ଦ ଧଳ, ନଣ୍ଡା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳର କଳା ଓ ସଂସ୍କୃତିର ଅଧ୍ୟୟନ ଓ ଗବେଷଣା ନିମନ୍ତେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଆୟୋଜିତ ପ୍ରତିଯୋଗିତାରେ ୩ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ପଲିଥିନ ମୁକ୍ତ ପରିବେଶ ପାଇଁ ସଚେତନତା

**ଭଦ୍ରକ ଅଫିସ, ୧୭।୧୧**

ରବିବାର ଭଦ୍ରକ ଜିଲା ଯୁବ ଯାଦବ ସଙ୍ଗଠନ ପକ୍ଷରୁ ଚୁନିଦାଠାରେ ସ୍ୱଚ୍ଛ ଭାରତ ଏବଂ ପଲିଥିନ ମୁକ୍ତ ପରିବେଶ ଗଠନ ଲାଗି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଙ୍କୁଣୀ କୀର୍ତ୍ତନ ମଣ୍ଡପ, ସଦାବର୍ତ୍ତ କୀର୍ତ୍ତନ ମଣ୍ଡପ, ଚଣ୍ଡେନଶ୍ୱର କୀର୍ତ୍ତନ ମଣ୍ଡପ ଓ ଚୁନିଦା ଅଞ୍ଚଳର ବହୁ ସଙ୍ଗଠନ ତରଫରୁ ଜିଲା ଯାଦବ ଭବନଠାରୁ ଚୁନିଦା ବଜାର, ମା' କ୍ଷେତ୍ରବାସୀ ପୀଠ ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଜିଲାର ଯୁବ ଯାଦବ ସଂଗଠନର କାର୍ଯ୍ୟକାରୀ ସଭାପତି ପ୍ରକାଶ ଜ୍ୟୋତି ମହାକୁଡ଼, ଯାଦବ ନେତା କୃଷ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବହୁ ବିଶିଷ୍ଟ ସମାଜସେବୀ ଓ କର୍ମକର୍ତ୍ତା ଯୋଗଦେଇ ସଫେଇ କରିବା ସହ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ଲାଗି ସଚେତନତା ସୃଷ୍ଟି କରିଥିଲେ। ଅନିଲ ବାରିକ, ସୁବାସ ବେହେରା, କୃଷ୍ଣଚନ୍ଦ୍ର ବେହେରା, ରାଜେନ୍ଦ୍ର ଦାସ, ରଶ୍ମିରଞ୍ଜନ ମହାକୁଳ, କାହ୍ନୁଚନ୍ଦ୍ର ବାରିକ, ରାଜୀବ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

## ଚାରା ବଣ୍ଟନ, ରୋପଣ ଅଭିଯାନ


ଚାରା ବଣ୍ଟନ କରାଯାଉଛି।

**ଭଦ୍ରକ ଅଫିସ,୧୭।୧୧**

ହଜରତ୍ ପ୍ରଫେଟ ମହମ୍ମଦଙ୍କ ଜନ୍ମଦିନରେ ସୋଚ ସଙ୍ଗଠନ ତରଫରୁ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରାଯାଇଛି। 'ପ୍ଲାଣ୍ଟ ଏ ଟ୍ରି, ପ୍ଲାଣ୍ଟ ଏ ଲାଇଫ୍' ସ୍ଲୋଗାନ ଦିଆଯାଇ ସଂଗଠନ ପକ୍ଷରୁ ସମ୍ପ୍ରତି ଚାରାବଣ୍ଟନ କରାଯାଇଥିଲା। ସର୍ବ ପ୍ରଥମେ ପୁରୁଣାବଜାର ପ୍ରାଥମିକ ଚିକିତ୍ସାଳୟ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ପୁରୁଣାବଜାରରେ ସାଧାରଣ ଲୋକଙ୍କ ମଧ୍ୟରେ ୧୫ଶହରୁ ଉର୍ଦ୍ଧ୍ୱ ଚାରା ଗଛ ବଣ୍ଟନ କରାଯାଇ ଗଛର ଗୁରୁତ୍ୱ ଓ ଆବଶ୍ୟକତା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଓଟି ମାର୍କେଟ ସମ୍ମୁଖରେ ଏକ ଷ୍ଟଲ ଖୋଲାଯାଇ ଜସ୍ନେ ଇଦ୍ ମିଲାଦୁନ ନବି (ମହମ୍ମଦଙ୍କ ଜନ୍ମଦିନ) ଅବସରରେ ପୁରୁଣାବଜାରରୁ ଆସୁଥିବା ମେଢ, କାଫେଲା ସମେତ ସାଧାରଣ ଲୋକଙ୍କୁ ଚାରା ବଣ୍ଟନ କରାଯାଇଥିଲା। ସୋଚ ସଙ୍ଗଠନ ୨୦୧୫ରେ ପ୍ରତିଷ୍ଠା ହେବା ପରଠାରୁ ଏଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସାଙ୍ଗକୁ ଜନସେବା କରିଆସୁଛି। ସ୍ୱଚ୍ଛ ଭାରତ ଅଭିଯାନରେ ପୂରା ସହରକୁ ସଫା କରାଯାଇ ଗରିବ ଅସହାୟ, ରୋଗୀଙ୍କୁ ଫଳ, କମ୍ବଳ ଆଦି ବଣ୍ଟନ କରାଯାଉଛି। ଶେଖ ଶାଦବ କାଦ୍‌ରୀ, ସେକ୍ ଉସ୍‌ମାନ, ଖ୍ୱାଜା ସକ୍‌ଲେନ, ସାମିଲ ଖାନ କାଦ୍‌ରୀ, ସାମିଲ ରଜା, ନଜମୁଲ ହକ, ମହମ୍ମଦ ସାହେବୁର, ସାହିଦ ନସିମି ଓ ସକ୍‌ଲେନ ଖାଁ ପ୍ରମୁଖ ଏହି ସଙ୍ଗଠନର ଦାୟିତ୍ୱ ତୁଲାଇଛନ୍ତି।

## ମାମଲା ରୁଜୁ ପରେ ପୋଲିସର ତନାଘନା

**ଭଦ୍ରକ ଅଫିସ, ୧୭।୧୧**

**ମୃତକଙ୍କ ଆଖି କାଢ଼ିନେବା ଘଟଣା**
■ ପରିବାର ଲୋକଙ୍କ ବୟାନ ରେକର୍ଡ କଲା ପୋଲିସ
■ ମେଡିକାଲ ଯିବ ସ୍ୱତନ୍ତ୍ର ପୋଲିସ ଟିମ୍


ମୃତ ବୀର ଗାଗାରାଇଙ୍କ ଫାଇଲ ଫଟୋ।

ପରିବାର ଲୋକଙ୍କ ଅଜାଣତରେ ଚକ୍ଷୁ ଦାନ କରିବା ଲାଗି କାଗଜପତ୍ରରେ ଦସ୍ତଖତ କରାଇ ନେଇ ମେଡିକାଲରେ ଜଣେ ମୃତବ୍ୟକ୍ତିଙ୍କ ଦୁଇ ଆଖି କାଢି ନିଆଯିବା ଘଟଣା ସମ୍ପର୍କରେ ଅଭିଯୋଗ ପାଇ ଭଦ୍ରକ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁକରି ତନାଘନା ଚଳାଇଛି। ସ୍ଥାନୀୟ ପୌରାଞ୍ଚଳ ଅଧୀନ ବାଗୁରାଇ ଆଦିବାସୀ ସାହିସ୍ଥିତ ମୃତକ ନଣ୍ଡା ଗାଗାରାଇଙ୍କ ଘରକୁ ଶନିବାର ରାତିରେ ପୋଲିସ ଯାଇ ଏ ସମ୍ପର୍କରେ ପରିବାର ଲୋକ, ଗ୍ରାମବାସୀ, ମୃତଦେହ ପୋଡିବାକୁ ଯାଇଥିବା ସମ୍ପର୍କୀୟଙ୍କ ବୟାନ ରେକର୍ଡ କରି ଫେରିଛି। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଆଖି କାଢିନେବା ଅଭିଯୋଗରେ ପକ୍ଷଭୁକ୍ତ ହୋଇଥିବା କଟକ ଏସ୍‌ସିବି ମେଡିକାଲ ଓ ଭୁବନେଶ୍ୱରର ଏକ ଚକ୍ଷୁ ଚିକିତ୍ସାଳୟକୁ ଯାଇ ତଦନ୍ତ କରିବ ବୋଲି ଟାଉନ ଥାନାଧିକାରୀ ସରୋଜିନୀ ସିଂ ସୂଚନା ଦେଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଭଦ୍ରକର ସାମାଜିକ କର୍ମୀ ପଦ୍ମଲୋଚନ ବେହେରା ଟୁଇଟର୍ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିବା ପରେ ଆଇଜି ଏହାର ପ୍ରତ୍ୟୁତ୍ତରରେ ଭଦ୍ରକ ଏସ୍‌ପିଙ୍କୁ ତୁରନ୍ତ ତଦନ୍ତ କରି ପଦକ୍ଷେପ ନେବା ସକାଶେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବାଗୁରାଇ ଆଦିବାସୀ କଲୋନୀର ବୀର ଗାଗାରାଇ ଓରଫ୍ ନଣ୍ଡା ଗତ ୭ ତାରିଖରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ତାଙ୍କୁ ଗତ ୮ ତାରିଖରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଥିଲା। ସେଠାରେ ୩ ଦିନ ଚିକିତ୍ସିତ ହେବା ପରେ ବୀରଙ୍କର ମୃତ୍ୟୁ ଘଟିଥିଲା। ଗତ ୧୧ ତାରିଖରେ ବୀରଙ୍କ ମୃତ୍ୟୁ ହେବାପରେ ପରିବାର ଲୋକେ ଦାବି ମୁତାବକ ଟଙ୍କା ଦେଇ ମୃତଦେହ ବ୍ୟବଚ୍ଛେଦ କରାଇ ସନ୍ଧ୍ୟାରେ ଘରକୁ ଆଣିଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଆୟୋଜନ କରାଯିବା ସମୟରେ ବୀରଙ୍କର ଦୁଇଟି ଆଖି ନ ଥିବା ପରିବାର ଲୋକେ ଓ ଗାଁ ଲୋକେ ଦେଖିଥିଲେ। ସେମାନେ ଅନ୍ତ୍ୟେଷ୍ଟିକ୍ରିୟା ସାରି ମେଡିକାଲରୁ ଆଣିଥିବା କାଗଜପତ୍ର ଗାଁ ଲୋକଙ୍କୁ ଦେଖାଇବାରୁ ସେଥିରେ ଭୁବନେଶ୍ୱରର ଚକ୍ଷୁ ଚିକିତ୍ସାଳୟକୁ ଏହା ଦାନ କରାଯାଇଥିବାର ଏକ ରସିଦ୍‌ରେ ଉଲ୍ଲେଖ ରହିଥିବା ଦେଖିଥିଲେ ଗାଁ ଲୋକେ। ପରିବାର ଲୋକେ ଏଥିରେ ହତବାକ୍ ହୋଇ ଶୁକ୍ରବାର ଭଦ୍ରକ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ପୋଲିସ ଏକ ମାମଲା (ନଂ ୩୪୫/୧୯) ରୁଜୁ କରି ଏ ନେଇ ତଦନ୍ତ ଚଳାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମୃତ ବୀରଙ୍କ ପତ୍ନୀ ଚମ୍ପା ଦାବି କରିଛନ୍ତି।

## ସଂକ୍ଷେପରେ

### ଶବଦାହ ଲାଗି ମିଳୁନି କାଠ

**ଭୋଗରାଇ, ୧୭।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମୁଦ୍ରକୂଳିଆ ଗାଁର ଲୋକଙ୍କୁ ଶବଦାହ କରିବା ପାଇଁ ଏବେ କାଠ ମିଳୁନାହିଁ। ପୂର୍ବରୁ ଗରିବ ଲୋକେ ସମୁଦ୍ର କୂଳକୁ ଯାଇ ବନକର୍ମଚାରୀଙ୍କଠାରୁ ଝାଉଁ କାଠ ସଂଗ୍ରହ କରି ଶବଦାହ କରି ଆସୁଥିଲେ। ସମୁଦ୍ରକୂଳ ବନାଞ୍ଚଳରେ ସୁରକ୍ଷା ପାଇଁ ସମିତି ଗଠନ କରି ରକ୍ଷଣାବେକ୍ଷଣ ଦାୟିତ୍ୱ ହସ୍ତାନ୍ତର ପରେ ଏଭଳି ସମସ୍ୟା ମୁଣ୍ଡ ଟେକିଛି। ଶବଦାହ ପାଇଁ କାଠ ଯୋଗାଉଥିବା କେତେକ ବ୍ୟକ୍ତି ୨ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରୁଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମ୍ପ୍ରତି ଭୋଗରାଇର ଶ୍ୟାମାନନ୍ଦୀପୁର ଗ୍ରାମର ଗରିବ ରମେଶ ଚନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟିବାରୁ ପରିବାର ଓ ଆତ୍ମୀୟ ସ୍ୱଜନମାନେ କୃଷ୍ଣନଗର ଗାଁ ନିକଟ ସମୁଦ୍ରକୂଳ ଗାଁକୁ ଶବଦାହ ପାଇଁ ଯାଇଥିଲେ। ସେଠାରେ ଝାଉଁ କାଠ କିଣିବାକୁ ଟଙ୍କା ଦେଇ ନ ପାରିବାରୁ ଦୀର୍ଘ ଘଣ୍ଟା ଅପେକ୍ଷା କରି ଶେଷରେ ଗାଁର ଜଣେ ଲୋକଙ୍କ ପାଖରୁ ଟଙ୍କା ଆଣି ଶବଦାହ କରିଥିବା କହିଛନ୍ତି। ଶବଦାହ ପାଇଁ ଟଙ୍କା ଆଦାୟ ସମ୍ପର୍କରେ ବନପାଳ ଅଜୟ କୁମାର ଜେନାଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ତାଙ୍କ ନିକଟରେ ହୋଇନାହିଁ ବୋଲି କହିଛନ୍ତି।

### ଛଉ ନୃତ୍ୟ ପ୍ରଶିକ୍ଷଣ କର୍ମଶାଳା

ଚିତ୍ରଡା, ୧୭।୧୧(ଡି.ଏନ୍.ଏ.)- ମୋରଡା ବ୍ଲକର ସଦର ମହକୁମା ଚିତ୍ରଡାଠାରେ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ୪ ଦିନିଆ ଛଉ ନୃତ୍ୟ ପ୍ରଶିକ୍ଷଣ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ମୋରଡା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଛଉ ନୃତ୍ୟ ପ୍ରତିଷ୍ଠାନର କଳାକାରମାନେ ଅଂଶଗ୍ରହଣ କରିଥିଲେ। ପ୍ରୋଜେକ୍ଟ ଛାଉଣୀର ନିର୍ଦ୍ଦେଶକ ବିଭୁଦତ୍ତ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ରାଜ ପରିବାରର ସଦସ୍ୟ ପୂର୍ଣ୍ଣିମା ଭଞ୍ଜଦେଓ, ପ୍ରୋଜେକ୍ଟ ଛାଉଣୀର ପରିଚାଳନା ନିର୍ଦ୍ଦେଶକ ଶୁଭଶ୍ରୀ ମୁଖାର୍ଜୀ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଚିତ୍ରଡା ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସଭାପତି ହରିଶ୍ଚନ୍ଦ୍ର ରାୟବାବୁ, ସମ୍ପାଦକ ତ୍ରିଲୋଚନ ସିଂବାବୁ, ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର କମଳେନ୍ଦୁ ଲାଲ ମହାନ୍ତ, ନରେନ୍ଦ୍ର ମହାନ୍ତ, ରମଣି ରଞ୍ଜନ ଧରମହାପାତ୍ର, ଛଉ ନୃତ୍ୟ ଗୁରୁ ପାଗଲୁ ଜେନା,ତ୍ରିଲୋଚନ ମହାନ୍ତ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ପ୍ରଶିକ୍ଷଣ ଗ୍ରହଣ କରିଥିବା ଛଉ କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ଧାମନଗରରେ ପ୍ରେସ୍ ଦିବସ ପାଳିତ

**ଧାମନଗର ୧୭।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ପ୍ରେସ୍ କ୍ଲବ ତରଫରୁ ଶନିବାର ସନ୍ଧ୍ୟାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇ ଯାଇଛି । ଖବରଦାତାମାନେ ନିରପେକ୍ଷ ଖବର ସଂଗ୍ରହ କରୁଥିବାବେଳେ ସେମାନଙ୍କ ପ୍ରତି ହେଉଥିବା ଆକ୍ରମଣ ଘଟଣା ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସରକାର ସେମାନଙ୍କୁ ସୁରକ୍ଷା ଦେବା ସହ ମୌଳିକ ସୁବିଧା ଯୋଗାଇଦେବାକୁ ସଦସ୍ୟମାନେ ଦାବି କରିଥିଲେ। ବରିଷ୍ଠ ଖବରଦାତା ବାସୁଦେବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ଉପସଭାପତି କିଶାନ ରାଉତ, ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ଜେନା, ଉପଦେଷ୍ଟା ରସାନନ୍ଦ ମହାପାତ୍ର, ଅନିଲ କୁମାର ବାରିକ ଏବଂ କର୍ମକର୍ତ୍ତା ଭାବେ ବୈକୁଣ୍ଠନାଥ ସାହୁ,ସେକ ଜାଫର ଅଲ୍ଲୀ,ବିବେକାନନ୍ଦ ସାମଲ,ପ୍ରଶାନ୍ତ ସାହୁ, ଗୁଲାମ ଜିଲାନି ହବିବି, ରମେଶ ବେହେରା,ସୁଧାକର ଦାସ,ସରୋଜ ସେଠୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

### ବୈତରଣୀ ନଦୀବନ୍ଧ ପାର୍ଶ୍ୱରେ ଚାରାରୋପଣ

ଭଣ୍ଡାରିପୋଖରୀ, ୧୭।୧୧ (ଡି.ଏନ୍.ଏ.)- ଷୋଳମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ମଣିନାଥପୁର ଗ୍ରାମର ସାମାଜିକ କର୍ମୀ ଦୁଃଶାସନ ବେଉରିଆଙ୍କ ସହଯୋଗରେ ମଣିନାଥପୁର ନିକଟ ବୈତରଣୀ ନଦୀବନ୍ଧ ପାର୍ଶ୍ୱରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତଙ୍କ ସଞ୍ଚାଳନାରେ ଦେବୀପ୍ରସାଦ ବେଉରିଆ, ସାଧୁ ଅରକ୍ଷିତ ଦାସ ମହାରାଜ, ଦୁଃଶାସନ ବେଉରିଆ, ଅଧ୍ୟାପକ ଅନାଦି ଚରଣ ସାହୁ, ବିଜୟ ସେଠୀ, ନରେନ୍ଦ୍ର ବେଉରିଆ ପ୍ରମୁଖ ଉପସ୍ଥିତ ରହି ଚୋରାରୋପଣ କରିବା ସହ ସୁରକ୍ଷା ବାଡ଼ ବସାଇଥିଲେ। ଏଥିରେ ନିମ୍ବ, ଜାମ୍ବୁ, ନଡ଼ିଆ, ଆମ୍ବ, ଆକାଶୀ, କୃଷ୍ଣଚୂଡ଼ା, ରାଧାଚୂଡ଼ା, ଅର୍ଜୁନ ଆଦି ଚାରା ରୋପଣ କରାଯାଇଛି। ଷୋଳମପୁର ପଞ୍ଚାୟତ ଏକ ବନ୍ୟାପ୍ଲାବିତ ଅଞ୍ଚଳ ହୋଇଥିବାରୁ ନଦୀପାର୍ଶ୍ୱରେ ବୃକ୍ଷରୋପଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିରର ଶିକ୍ଷକ ଓ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

# ‘ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଦିଅ’

**ବସ୍ତା, ୧୭।୧୧(ସ୍ୱ.ପ୍ର)**



ଖବରଦାତା ସମ୍ମିଳନୀରେ ସମବାୟ ସଭାପତିଙ୍କ ସମେତ ଅନ୍ୟମାନେ।

ସାମୁଦ୍ରିକ ବାତ୍ୟା ‘ବୁଲ୍‌ବୁଲ୍’ ଯୋଗୁ ଚଳିତବର୍ଷ ଖରିଫ୍ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଚାଷୀମାନେ ଏକର ପ୍ରତି ଦୁଇଗୁଣା ଅର୍ଥ ଖର୍ଚ୍ଚ କରି ଧାନ ଚାଷ କରିଥିଲେ। ଚାଷୀମାନେ ବିଭିନ୍ନ ବ୍ୟାଙ୍କ ସୋସାଇଟିରୁ ଋଣ କରିଥିବାବେଳେ ଅନେକ ଚାଷୀ ହାତ ଉଧାରି କରି ଚାଷ କରିଥିଲେ। ସାର, ବିହନ, କୀଟନାଶକ ସହିତ ଚଢ଼ା ମଜୁରିରେ ଚାଷ ହୋଇଥିଲା। ଅମଳ ସମୟ ଆସିଯାଇଥିଲେ ମଧ୍ୟ ବାତ୍ୟା ପ୍ରଭାବରେ ବର୍ଷା ଓ ପବନ ହୋଇ ଚାଷ ନଷ୍ଟ ହୋଇଯାଇଛି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା, ତୁରନ୍ତ ସର୍ଭେ କରି ବୀମା ଟଙ୍କା ପ୍ରଦାନ ଓ କୃଷି ଋଣ ଛାଡ଼ କରିବାକୁ ରବିବାର ବସ୍ତା ପ୍ରେସ କ୍ଲବରେ ଏକ ଖବରଦାତା ସମ୍ମିଳନୀ କରି ରାଉତପଡ଼ା ସେବା ସମବାୟ ସମିତିର ସଭାପତି ହରେନ୍ଦ୍ର ଦାସ ଦାବି ଉପସ୍ଥାପନ କରିଛନ୍ତି।

ସେ କହିଛନ୍ତି ଯେ, ଖର୍ଚ୍ଚଠାରୁ ବହୁ କମ୍ ଧାନ ଆସିବାର ସମ୍ଭାବନା ଥିବାରୁ ଚାଷୀ ଏବେ ହତାଶ ହୋଇପଡିଛନ୍ତି। ଏବେ ବି ଚାଷ ଜମିରେ ପାଣି ଜମି ରହିଛି। ଧାନ ଗଛସବୁ ଭିଜି ରହିଛି । ସରକାର ଚାଷୀଙ୍କ ପାଇଁ କୃଷି ବୀମା ବ୍ୟବସ୍ଥା କରିଛନ୍ତି। ବ୍ୟାଙ୍କ ଓ ସୋସାଇଟି ଚାଷୀଙ୍କୁ ଋଣ ଦେଉଥିବା ବେଳେ ଋଣ ରାଶିରୁ ୨.୫ ପ୍ରତିଶତ ଟଙ୍କା ବୀମା ବାବଦକୁ କଟାଯାଉଛି। ଏନେଇ ଚାଷୀ ଋଣ ନ କରି ମଧ୍ୟ ବ୍ୟାଙ୍କରେ କୃଷିବୀମା କରିଛନ୍ତି। ମାତ୍ର ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ବୀମା ଟଙ୍କା କିପରି ମିଳିବ ସେନେଇ ଚାଷୀ ଚିନ୍ତାରେ ଅଛି। ୭୫ ପ୍ରତିଶତ ଜମିରେ ଧାନ ପାଚିବାକୁ ବସିଥିବାବେଳେ ବୀମା କମ୍ପାନୀ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଧାନ କଟା ସରି ଘରକୁ ବୋହି ଆଣିବା ପରେ ବୀମାଜନିତ ସର୍ଭେ ହେବା କଷ୍ଟସାଧ୍ୟ ଯୋଗୁ ଅନେକ ଚାଷୀ ବିଲରୁ କାଟୁ ନ ଥିବା ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗଡ଼ପଦା ସରପଞ୍ଚ କାଳୀଚରଣ ଜେନା ଓ ଚାଷୀ ଅମର କୁମାର ରାଉଳ ଉପସ୍ଥିତ ଥିଲେ।

# କ୍ୟାରିୟର କାଉନସେଲିଂ କର୍ମଶାଳା



କ୍ୟାରିୟର କାଉନସେଲିଂ କର୍ମଶାଳାରେ ଉପସ୍ଥିତ ଛାତ୍ରୀମାନେ।

**ବାହାନଗା, ୧୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସଦରମହୁକମାରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ କ୍ୟାରିୟର କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାକୁ ଅଧ୍ୟକ୍ଷ ବିନୋଦ କୁମାର ମହାରଣା ଉଦ୍‌ଘାଟନ କରିଥିଲେ। ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟର କାଉନ୍‌ସେଲିଂ ସେଲର ପ୍ରବନ୍ଧକ ସୃଷ୍ଟିଧର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ସବିତା ଦାସ ପରିଚାଳନା କରିଥିଲେ।

# ଆତ୍ମିକ ଉତ୍‌ଥାନ, ଆଧ୍ୟାତ୍ମିକ ଶିକ୍ଷା ଉପରେ ଗୁରୁତ୍ୱ

**ଭଣ୍ଡାରିପୋଖରୀ, ୧୭।୧୧ (ଡି.ଏନ.ଏ.)**



ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିରରେ ଆତ୍ମିକ ଉତ୍‌ଥାନ ତଥା ଆଧ୍ୟାତ୍ମିକ ଶିକ୍ଷାର ବିକାଶ ପାଇଁ ଶିଶୁ ମହୋତ୍ସବ ପ୍ରଧାନଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ପ୍ରାଣାୟାମ, ଯୋଗ, ଧ୍ୟାନ, ଭଜନ, କୀର୍ତ୍ତନ କାର୍ଯ୍ୟକ୍ରମକୁ ଭଦ୍ରକ ପତଞ୍ଜଳି ଆଶ୍ରମର ଯୋଗଗୁରୁ ସୁରେନ୍ଦ୍ର ନାଥ ଦାସ ଉଦ୍‌ଘାଟନ କରିଥିଲେ। ବିଦ୍ୟାର୍ଥୀମାନଙ୍କୁ ଶାରୀରିକ ଓ ମାନସିକ ବିକାଶରେ ଯୋଗ ଓ ଆଧ୍ୟାତ୍ମିକ ଶିକ୍ଷାର ଗୁରୁତ୍ୱ ବିଷୟରେ ସେ ଅବଗତ କରାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାର୍ଥୀମାନଙ୍କର ମାତାପିତାଙ୍କ ପ୍ରତି କର୍ତ୍ତବ୍ୟ ଶୀର୍ଷକ ଆଲୋଚନାଚକ୍ରରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର ରାଜ୍ୟ ସଂଯୋଜକ ଦୁର୍ଗାପ୍ରସାଦ ରାୟ ଯୋଗ ଦେଇଥିଲେ। ମାତାପିତାଙ୍କ ଆଶୀର୍ବାଦ ହିଁ ବିଦ୍ୟାର୍ଥୀର ଭବିଷ୍ୟତ ନିର୍ମାଣ କରିବାରେ ସହାୟକ ହୋଇଥାଏ ବୋଲି ସେ କହିଥିଲେ। ପରେ ଗୁରୁଭକ୍ତି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଆଲୋକ ରଞ୍ଜନ ମୁଖାର୍ଜୀ ଓ ମୁଖ୍ୟବକ୍ତା ଭାବେ ନୃସିଂହ ଚରଣ ତରାଇ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅମୃତ ଦର୍ଶନ ପତ୍ରିକାର ମୁଖ୍ୟ ସମ୍ପାଦକ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଓ ଆତ୍ମିକ ଉତ୍‌ଥାନ କାର୍ଯ୍ୟକ୍ରମ ନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ‘ମୁଁ ସମୟ କହୁଛି’ ପରିବେଷଣ କରାଯାଇଥିଲା। ସୁଶାନ୍ତ ସେନାପତି, ସୁଦେଷ୍ଣା ପାତ୍ର, ସୁସ୍ମିତା ସ୍ୱାଇଁ, ସୁଜାତା ପଣ୍ଡା, ସ୍ନେହଲତା ମହାନ୍ତି, ଦମୟନ୍ତୀ ଦାସ, ବିଶ୍ୱପ୍ରଭା ପଲେଇ, କେଶବ ସେଠୀ, ଚିତ୍ତରଞ୍ଜନ ନାୟକ, ପ୍ରତିଭା ନାୟକ, ଦିଲୀପ ଜେନା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ତୋଷ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଜୟ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ନିର୍ମଳ ସେନାପତି।

### ‘ମନ୍ତେଇର ସ୍ୱର’ ଉନ୍ମୋଚିତ

**ଚାନ୍ଦବାଲି, ୧୭।୧୧(ଡି.ଏନ.ଏ.):** ବାଂଶଡ଼ାସ୍ଥିତ ଆଞ୍ଚଳିକ ପ୍ରଗତିଶୀଳ ସାହିତ୍ୟ ପରିଷଦର ବାର୍ଷିକ ମୁଖପତ୍ର ‘ମନ୍ତେଇର ସ୍ୱର’ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଗଜେନ୍ଦ୍ର ପ୍ରସାଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ତମ୍ଭକାର ବିଭୂତିଭୂଷଣ ସେନାପତି ମୁଖ୍ୟଅତିଥି, ସାହିତ୍ୟିକ ତଥା ଗୀତିକାର ଅଭୟ କୁମାର ସୂତାର ମୁଖ୍ୟବକ୍ତା ଏବଂ ଦିଗମ୍ବର ଦାସ, ମନୋଜ କୁମାର ଭଳ, ପ୍ରବଚକ ବ୍ରଜକିଶୋର ସାହୁ, ତ୍ରୈଲୋଚନ ଜେନା, ଉଗ୍ରସେନ ମଲୁଆଲ ଓ ଶୈଳେନ୍ଦ୍ର ପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭଦ୍ରକ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା କବିଙ୍କୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ରବି କୁମାର ମହାନ୍ତି ସଂଯୋଜନା କରିଥିଲେ। ଏହି ଅବସରରେ ପରମାନନ୍ଦ ମଲିକଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ମୁଖପତ୍ରର ସମ୍ପାଦକ ସୁବାସ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଭାଗୀରଥି ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପରିଷଦର ସମ୍ପାଦକ ଅଞ୍ଜନ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବାଂଶଡା ହାଇସ୍କୁଲରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଇଥିଲା।

# ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା କର୍ମଶାଳା

**ସୋର, ୧୭।୧୧(ଡି.ଏନ୍.ଏ.):**

ସୋର ବ୍ଲକ ପାଖର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆସ୍‌ମାକ୍ସସ୍ ପକ୍ଷରୁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମାଧ୍ୟମରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ସଙ୍ଗଠନର ନିର୍ଦ୍ଦେଶକ ସତ୍ୟ ପରିଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ଅଗସ୍ତି, ବିଜନ ଦଳେଇ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୮ରୁ ୩୫ବର୍ଷ ମଧ୍ୟରେ ଥିବା ବେରୋଜଗାର ଯୁବତୀ/ଯୁବକଙ୍କୁ ମାଗଣାରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଦିଆଯାଇ ଆତ୍ମନିର୍ଭରଶୀଳ ହେବାକୁ ଥିବା ସରକାରୀ ଯୋଜନାରେ ସିଲେଇ, ରିଟେଲ ବ୍ୟବସାୟ, କମ୍ପ୍ୟୁଟର, ଇଲେକ୍ଟ୍ରିକାଲ, ରାଜମିସ୍ତ୍ରୀ ଓ ପ୍ଲମ୍ବରରେ ୩ ମାସିଆ ପ୍ରଶିକ୍ଷଣ ନେଇ ବକ୍ତବ୍ୟରେ କହିଥିଲେ। ଜୟ ପ୍ରକାଶ ମିଶ୍ର, ଯୋଜନା ସଂଯୋଜକ ରୋହିତ ମହାପାତ୍ର, ଇତିଶ ପଟ୍ଟନାୟକ, ଦୀପକ କୁମାର ବାରିକ ଓ ଅକ୍ଷୟ ସେଠୀ, ମଞ୍ଜୁଲତା ଜେନା, ଜୟଦେବ ପଣ୍ଡା, କାଶୀନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଖର ଅଞ୍ଚଳର ଶତାଧିକ ଯୁବତୀ/ଯୁବକ ଅଂଶଗ୍ରହଣ କରିଥିଲେ। ୭୦ଜଣ ଏହି ପ୍ରଶିକ୍ଷଣ ପାଇଁ ନାମ ପଞ୍ଜୀକରଣ କରିଥିଲେ।

# ‘ସୁସ୍ଥ ସାମାଜିକ ବ୍ୟବସ୍ଥା ଲାଗି ସହଭାଗିତା ଲୋଡ଼ା’



ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ବାଙ୍ଗିରିପୋଷି, ୧୭।୧୧(ଡି.ଏନ୍.ଏ.)**

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭଭାବେ ପରିଚିତ ଗଣମାଧ୍ୟମ ହିଁ ଏକ ସମ୍ଭାବନାର ଶ୍ରେଣୀବିହୀନ ସମାଜ ଗଠନ କରିପାରିବାର ସାମର୍ଥ ରଖିପାରେ ବୋଲି ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିଠାରେ ଆୟୋଜିତ ଜିଲାସ୍ତରୀୟ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ସାଧାରଣ ପରିଷଦ ବୈଠକରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ପରିସରରେ ସଂଘର ସଭାପତି ଅରୁଣ କୁମାର ଓତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧିକ୍ଷକ ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଯୋଗଦେଇ ଏକ ସୁସ୍ଥ ସାମାଜିକ ବ୍ୟବସ୍ଥା ପାଇଁ ପ୍ରଶାସନ, ପୋଲିସ ଓ ସାମ୍ବାଦିକମାନଙ୍କର ବିକାଶମୂଳକ ସହଭାଗିତା ସକାରାତ୍ମକ ହେଲେ ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ସାମ୍ବାଦିକତା ଏକ ମଣିଷ ସ୍ୱାଧୀନତାର ସମ୍ବେଦନଶୀଳ ପରିବେଷଣ ଓ ମାନବିକତାର ସାମାଜିକ ପ୍ରତିଫଳନ ବୋଲି କହିଥିଲେ। ସମ୍ମାନନୀୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ହୁସେନ ରବି ଗାନ୍ଧୀ ଯୋଗଦେଇ ସକାରାତ୍ମକ ଓ ନିଷ୍ପାପର ଖବର ପରିବେଷଣ କରିବା ହିଁ ସାମ୍ବାଦିକତା ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ରମାକାନ୍ତ ସିଂହ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର , ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନା, ବେତନଟୀ ସିଭିଲ ସୋସାଇଟିର ସଭାପତି ଚୂଡାମଣି ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ । ସଂଘର ସମ୍ପାଦକ ସଞ୍ଜୟ କୁମାର ଅଗ୍ରୱାଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ତପନ କୁମାର ପତି ଧନ୍ୟବାଦ ଅର୍ପଣ କରିଥିବା ବେଳେ କପ୍ତିପଦା, ବାମନଘାଟୀ ବାରପଦା ଓ ପାଞ୍ଚପୀଢ ଉପଖଣ୍ଡର ଶତାଧିକ ଖବରଦାତା ଏହି ସମାବେଶରେ ଯୋଗ ଦେଇଥିଲେ।

### ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତୀକ ଧାରଣା ଆଜି

ସଜନାଗଡ଼, ୧୭।୧୧(ଡି.ଏନ.ଏ.)– ନୀଳଗିରି ତହସିଲଦାରଙ୍କ ଗାଡ଼ି ଧକ୍କାରେ ଦୁଇ ଯୁବ ଖବରଦାତା ଗୁରୁତର ଆହତ ହୋଇ ନୀଳଗିରି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଘଟଣାରେ ନ୍ୟାୟ ପାଇଁ ସୋମବାର ନୀଳଗିରି ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ନୀଳଗିରି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରତୀକ ଧାରଣା ଦେବେ। ଏନେଇ ରବିବାର ଏକ ସ୍ମାରକପତ୍ର ଦିଆଯାଇ ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ଅବଗତ କରାଯାଇଛି।

# ପଦଯାତ୍ରାରେ ସଚେତନତାର ବାର୍ତ୍ତା

**ଭଦ୍ରକ ଅଫିସ, ୧୭।୧୧**

ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ଭଦ୍ରକ ଡାଇବେଟିସ୍ ଫାଉଣ୍ଡେଶନ ପକ୍ଷରୁ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧାୟକ ସଞ୍ଜୀବ ମଲ୍ଲିକ, ଅତିରିକ୍ତ ଏସ୍‌ପି ବିକାଶ ଦାସ ପତାକା ହଲାଇ ଏହାର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ପ୍ରଜାପିତ କଲ୍ୟାଣ ମଣ୍ଡପଠାରୁ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପଦଯାତ୍ରାରେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନେ ବିଭିନ୍ନ ପ୍ଲାକାର୍ଡ, ବ୍ୟାନର ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ। ମଧୁମେହ ରୋଗ ଓ ଏହାଠାରୁ କିଭଳି ପରିବାର ସଦସ୍ୟମାନେ ଦୂରେଇ ରହିବେ ସେନେଇ ସଚେତନତା ସଭା ହୋଇଥିଲା। ସାମାଜିକ କର୍ମୀ ଅଜୟ ନାୟକ, ସୁଧାକର ରାଉତ, ଏସ୍.ଏମ୍ ଫାରୁକ, ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଡ. ପ୍ରଦୀପ ନାୟକ, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ଡା. ପ୍ରଭାସ ମହାନ୍ତି, ଡା. ଶରତ ଆଚାର୍ଯ୍ୟ, ଅଧ୍ୟାପକ ସଂଗ୍ରାମ ମହାନ୍ତି, ପ୍ରଣବ ସାହୁ, ଅବିନାଶ ଜେନା, ଲାୟନ୍ସ କ୍ଲବ, ରୋଟାରୀ କ୍ଲବ ଫାଉଣ୍ଡେଶନର କର୍ମକର୍ତ୍ତା ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ଫାଉଣ୍ଡେଶନ କାର୍ଯ୍ୟାଳୟ ନିକଟ ଆରଡ଼ି ଛକଠାରେ ଆୟୋଜିତ ମାଗଣା ଚିହ୍ନଟ ଶିବିର ଓ ସଚେତନତା ସଭାରେ ଡା. ରବୀନ୍ଦ୍ର ନାୟକ, ରଞ୍ଜିତ ଖଟୁଆ, ଡା. ହରେକୃଷ୍ଣ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଗୟାଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦିକା ବସୁମିତ୍ରା ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଡାଇବେଟିସ୍ ଭଏସ୍ ନାମକ ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା।

# ଭଦ୍ରକ ସାଂସ୍କୃତିକ ମହୋତ୍ସବ ଲାଗି ପ୍ରସ୍ତୁତି

**ଭଦ୍ରକ ଅଫିସ, ୧୭।୧୧–**

ଚଳିତବର୍ଷ ୬ଷ୍ଠଥର ପାଇଁ ଭଦ୍ରକ ସାଂସ୍କୃତିକ ମହୋତ୍ସବ ନେହେରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ବିଗତ ବର୍ଷଗୁଡ଼ିକ ପରି ଏହି ରଙ୍ଗାରଙ୍ଗ ସାଂସ୍କୃତିକ ମହୋତ୍ସବ–୨୦୨୦ ଆସନ୍ତା ଜାନୁୟାରୀ ୪ରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଥାନା ଛକସ୍ଥିତ ମହତାବ କୋଠିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବାକୁ ସ୍ଥିର କରାଯାଇଛି। ପ୍ରଥମେ ମହୋତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଉକ୍ତ ଉତ୍ସବର ସଫଳତା ନେଇ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା। ସଭାପତି ରବି ନାରାୟଣ ଖିଲାରଙ୍କ ସଭାପତିତ୍ୱ ଓ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ କମିଟିର ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହୋତ୍ସବକୁ ଅଧିକ ଲୋକପ୍ରିୟ ଓ ଆକର୍ଷଣୀୟ କରିବା ଦିଗରେ ସଦସ୍ୟମାନଙ୍କ ମତାମତ ସଂଗ୍ରହ କରାଯାଇଥିଲା। ବିଶେଷକରି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭଦ୍ରକ ସଦର ମହକୁମା ସମେତ ଜିଲାର ବିଭିନ୍ନ ପ୍ରାନ୍ତରେ ଲୁଚି ରହିଥିବା ପ୍ରତିଭାଙ୍କୁ ଖୋଜି ବାହାର କରିବା ଦିଗରେ ଉଦ୍ୟମ କରିବାକୁ ସାଂସ୍କୃତିକ କମିଟିର ଉପଦେଷ୍ଟା ରାମନାରାୟଣ ମହାନ୍ତି, ସଂଯୋଜକ ପ୍ରଭାତ ଜେନା, ସମ୍ପାଦକ ବି. ପୀତାମ୍ବର ରେଡ୍ଡୀ ଓ ଯୁଗ୍ମ ସମ୍ପାଦିକା ରିଚା ମହାନ୍ତି ପ୍ରମୁଖ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା।

# ଚାନ୍ଦବାଲିରେ ଶ୍ରମିକ, କୃଷକ ସମାବେଶ

**ଚାନ୍ଦବାଲି, ୧୭।୧୧(ଡି.ଏନ.ଏ.)**



ସମାବେଶରେ ଉପସ୍ଥିତ ଦଳୀୟ ନେତା।

- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାରଣ ନୀତିକୁ ବିରୋଧ
- ସଭାରେ ୧୦ ଜଣଙ୍କୁ ଦିଆଗଲା ସମ୍ବର୍ଦ୍ଧନା

ଶୋଷଣମୁକ୍ତ ଭାରତ ଗଠନ ଦିଗରେ କମ୍ୟୁନିଷ୍ଟମାନଙ୍କ ସଂଗ୍ରାମର ଶତବାର୍ଷିକୀ ପାଳନ ଅବସରରେ ରବିବାର ଭଦ୍ରକ ଜିଲା ଚାନ୍ଦବାଲି ବିଜୁସ୍ମୃତି ଭବନରେ ଶ୍ରମିକ ଓ କୃଷକଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରମିକ ଓ କୃଷକମାନେ ଏଥିରେ ଯୋଗ ଦେଇଥିଲେ। କମ୍ୟୁନିଷ୍ଟ ଦଳ ପକ୍ଷରୁ ଶ୍ରମିକ ଓ କୃଷକମାନଙ୍କର ଏକ ଶୋଭାଯାତ୍ରା କାଳୀ ମନ୍ଦିର ନିକଟରୁ ବାହାରି ଚାନ୍ଦବାଲି ସହର ପରିକ୍ରମା କରି ବିଜୁସ୍ମୃତି ଭବନରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସାଧାରଣ ସଭାରେ କମ୍ୟୁନିଷ୍ଟନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ଓ ଶ୍ରମିକ ମାରଣ ନୀତିକୁ ତୀବ୍ର ବିରୋଧ କରିଥିଲେ। ଧାନର ସହାୟକ ମୂଲ୍ୟ ୩ ହଜାର ଟଙ୍କା, ବୁଲବୁଲ ବାତ୍ୟାର କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ପ୍ରଦାନ, ଆଶା, ଅଙ୍ଗନୱାଡ଼ି ଓ ପାଚିକା ସହାୟିକାଙ୍କ ମାସିକ ଦରମା ୨୦ ହଜାର ଟଙ୍କା କରିବା, ସାମାଜିକ ନିରାପତ୍ତା ସହ ସ୍ଥାୟୀ ନିଯୁକ୍ତି, ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରି ସରକାରୀ ସହାୟତା ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ । ଏହି ଅବସରରେ ୧୦ ଜଣଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଗିରିଧାରୀ ନାଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ରବି ପଟ୍ଟନାୟକ, ଚନ୍ଦ୍ରଶେଖର ନାୟକ, ଦିବ୍ୟସଂହ ନାୟକ, ମଳୟ ଭୋଇ, ବିକାଶ ନାଥ, ଉପେନ୍ଦ୍ର ରାଉଳ, ପ୍ରଫୁଲ୍ଲ ପାଢ଼ୀ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଆସନ୍ତା ଜାନୁୟାରୀ ୮ ତାରିଖରେ ହେବାକୁ ଥିବା ସାଧାରଣ ଧର୍ମଘଟକୁ ସଫଳ କରିବାକୁ କର୍ମକର୍ତ୍ତାମାନେ ନିବେଦନ କରିଥିଲେ ।

## ସଂକ୍ଷେପରେ

### ପୋଲିସ ତଦନ୍ତ ପ୍ରକ୍ରିୟାରେ ତ୍ରୁଟିର ଉଚ୍ଚସ୍ତରୀୟ ତଦନ୍ତ ଦାବି

ଉଦଳା,୧୭।୧୧(ଡି.ଏନ୍.ଏ.)- ଜଣେ ଯୁବକ ଏକ ଅପରାଧିକ ମାମଲାରେ ସମ୍ପୃକ୍ତ ହୋଇ ୨୦ ଦିନ ଜେଲରେ ରହିଲେ। ସେହି ୨୦ ଦିନ ମଧ୍ୟରେ ଅନ୍ୟ ଗୋଟିଏ ସ୍ଥାନରେ ହୋଇଥିବା ଚୋରି ଘଟଣାରେ ତାଙ୍କୁ ଅଭିଯୁକ୍ତ ଦର୍ଶାଯିବା ଘଟଣା ପଦାକୁ ଆସିବା ପରେ ଏହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ଉଦଳା ଥାନାରେ ଘଟିଥିବା ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅଭିଯୁକ୍ତ ଯୁବକ ୨୦୧୮ ନଭେମ୍ବର ୮ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଜେଲରେ ଥିବାବେଳେ ପରବର୍ତ୍ତୀ ଚୋରି ଘଟଣା ସେହି ମାସ ୧୧ ତାରିଖରେ ଘଟିଥିବା କୁହାଯାଉଛି। ଏହି ଘଟଣାରେ ପୋଲିସର ତଦନ୍ତ ପ୍ରକ୍ରିୟା ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି।

### ନୂତନ କର୍ମକର୍ତ୍ତା ଚୟନ

ଉଦଳା,୧୭।୧୧(ଡି.ଏନ୍.ଏ.)- ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଉଦଳା ୟୁନିକ୍ ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ସନ୍ତୋଷ କୁମାର ବାଛିନୀ ସଭାପତି, କମଳାକାନ୍ତ ରଣା ଉପସଭାପତି, ମାନସ କୁମାର ପାଣି ସାଧାରଣ ସମ୍ପାଦକ, ସନ୍ଦୀପ ମହାନ୍ତି ସହ ସମ୍ପାଦକ, ଦୀପକ କୁମାର ପରିଡ଼ା କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ଆଶିଷ ରଥ, ନେତାଜୀ ରଥ ଏବଂ ଶୁଭାଶିଷ ପତିଙ୍କ ନାମ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ଦୀପକ ମିଶ୍ର, ପ୍ରଭାତ କୁମାର କର, ଅଭିଜିତ୍ ବେହେରା, ସମ୍ପୂର୍ଣ୍ଣ ହେମ୍ବ୍ରମ୍, ତପନ ପାତ୍ର, ଦୀପକ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

### ବିଦ୍ୟାଳୟରେ 'ପ୍ରେରଣା'

କପ୍ତିପଦା,୧୭।୧୧(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ତାଳପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରେରଣା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ନାରାୟଣ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଏସ୍ଏମ୍ସିର ଅଧ୍ୟକ୍ଷ ଗୁରୁଭା ସୋରେନ୍ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ସହକାରୀ ଶିକ୍ଷକ ଶଶୀକାନ୍ତ ଭୋଇ। ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, କମିଟିର ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଶିକ୍ଷକ ବାଦଲ ହେମ୍ବ୍ରମ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ନିତ୍ୟାନନ୍ଦ ସେଠୀ, ସନ୍ତୋଷ ସାହୁ, ଶିକ୍ଷୟିତ୍ରୀ ପ୍ରୀତିଲତା ବିଶ୍ୱାଳ, ହରପ୍ରିୟା ମାର୍ଣ୍ଡି, ତାପସୀ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ପୋଲିସ ସେବା, କାର୍ଯ୍ୟଶୈଳୀ ଉପରେ ସଚେତନତା କାର୍ଯ୍ୟକ୍ରମ

ରାଇରଙ୍ଗପୁର,୧୭।୧୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ପୋଲିସ ପ୍ରଶାସନର ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ପୋଲିସ ସର୍କଲର ବିଭିନ୍ନ ଥାନା ପକ୍ଷରୁ ମୋ ସରକାର କାର୍ଯ୍ୟକ୍ରମ, ପୋଲିସ ସେବା ଓ କାର୍ଯ୍ୟଶୈଳୀ ଉପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ଥାନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଥାନାଧିକାରୀ ରଞ୍ଜନ କୁମାର ସେଠୀ ଆଇନଶୃଙ୍ଖଳା ରକ୍ଷା ଏବଂ ସୁରକ୍ଷା ସହ ଥାନାରେ ପୋଲିସର ସେବା, ବିଭିନ୍ନ କାର୍ଯ୍ୟଶୈଳୀ ଉପରେ ସଚେତନ କରିଥିଲେ। ମହିଳା ଏବଂ ଶିଶୁ ଡେସ୍କ ଅଧିକାରୀ ସବ୍ଇନ୍ସପେକ୍ଟର ସଙ୍ଗୀତା ଦାସ ମହିଳା ଏବଂ ଶିଶୁ ସୁରକ୍ଷା ଉପରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏହା ବ୍ୟତୀତ ବାଦାମପାହାଡ଼, ଯାମଦା, ରାଇରଙ୍ଗପୁର, ତିରିଂ ଏବଂ ଗୋରୁମହିଷାଣୀ ଥାନା ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସମ୍ପୃକ୍ତ ଥାନାଧିକାରୀ ପୋଲିସର ସେବା ଓ କାର୍ଯ୍ୟଶୈଳୀ ଉପରେ ଆସ୍ଥା ରଖିବାକୁ ଛାତ୍ରୀମାନଙ୍କୁ କହିଥିଲେ।

# 'ପ୍ରତିଭା ପୂଜା ପରମ୍ପରା ପ୍ରଶଂସନୀୟ'

**ସଫଳ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧନା**

ବାରିପଦା ଅଫିସ,୧୭।୧୧


ସମ୍ବର୍ଦ୍ଧିତ ପ୍ରତିଭା ଓ ଅତିଥିମାନେ।

ବାରିପଦା ରୋଟାରୀ ଭବନ ପରିସରରେ ବୋଇତ ବନ୍ଦାଣ ଉତ୍ସବ ସମିତି ତରଫରୁ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମିତିର ସଭାପତି ତପନ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଭିମନ୍ୟୁ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିଭା ପୂଜାର ପରମ୍ପରା ପ୍ରଶଂସନୀୟ ବୋଲି କହିବା ସହ ଏଭଳି କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନର ଉଦ୍ୟୋକ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ଶ୍ରୀରାମଚନ୍ଦ୍ର ମହାବିଦ୍ୟାଳୟର ଅଧ୍ୟକ୍ଷା ଅସୀମା ସାହୁ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଏଭଳି ମହନୀୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଉଗ୍ରେଶ୍ୱର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ ହରନାରାୟଣ ମିଶ୍ର, ସାହିତ୍ୟିକା ଶାନ୍ତିଲତା ଆଚାର୍ଯ୍ୟ, କବି ସାଗରିକା ଦାସ ମହାନ୍ତି, ରମେଶ ଚନ୍ଦ୍ର ରାଉତ, ଦିଲୀପ ଚୌଧୁରୀ, ପ୍ରଭାତ ନନ୍ଦିନୀ ଦାସ, ସାବିତ୍ରୀ ରାଉତ, ତରୁଣ କୁମାର ବାରିକ ଓ କବିତା ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ପାର୍ବତୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ସନ୍ଧ୍ୟାରାଣୀ ପଣ୍ଡା, ଶିକ୍ଷକ ଅମିତାଭ ମିଶ୍ର, ଗୋପାଳ ଚନ୍ଦ୍ର ସାଓ, ଜ୍ଞାନରଞ୍ଜନ ତ୍ରିପାଠୀ, ଉଦୟନାଥ ଜେନା, ଜ୍ୟୋତ୍ସ୍ନାମଣି ଜେନା, ବିପ୍ଳବ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଚଷା ଭାଇ ମୋ ବୋଲ ଶୁଣ !**
**ବେଳ ଥାଉଁ ଥାଉଁ ବୁଣିବୁ ଧାନ।**

ପାଗ ଅନୁସାରେ ଚାଷବାସ କରାଯିବା ଉଚିତ୍। ସଠିକ୍ ସମୟରେ ଚାଷକାର୍ଯ୍ୟ ଆରମ୍ଭ କରାଗଲେ ଚାଷରୁ ଭଲ ଅମଳ ମିଳିବାର ସମ୍ଭାବନା ରହିଥାଏ। ପରନ୍ତୁ ଚାଷକାର୍ଯ୍ୟରେ ହେଳା କଲେ ଲାଭ ପରିମାଣ କମିଯାଇଥାଏ। ସଅଳ ଧାନ ବୁଣିବା ଲାଭପ୍ରଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଠଖଣ୍ଡି କାଠିକି ଷୋଳଖଣ୍ଡି ଯନ୍ତ୍ରୀ,**
**ଅବୁଝାମଣା ରାଇଜରେ ପାଲବିଣ୍ଡା ମନ୍ତ୍ରୀ,**
**ପାଲବିଣ୍ଡା ମନ୍ତ୍ରୀଙ୍କର ଗୋଟିଏ ଆଖି କଣା,**
**ଛାଡ଼ି ପଳାଇବା ଏ ରାଇଜ, କୋଦିଣ୍ଡା ବୁଝାମଣା।**

ରାଜା ଯେପରି ବିଚାରଶୂନ୍ୟ, ନୀତିନିୟମ ଶୂନ୍ୟ, କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ୍ୟ ତଦ୍ରୂପ। ସେ ରାଜାଙ୍କୁ ମଧ୍ୟ ଠିକ୍ ବାଟ ବତାଇବାକୁ ଅକ୍ଷମ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡ଼ିଯିବେ, ସେଥିପାଇଁ ମନ୍ତ୍ରୀ ପାଟିରେ ଗୋଟିଏ ପାଲବିଣ୍ଡା ମାରିଥାନ୍ତି। ଯେଉଁ ଦେଶରେ ନୀତିନିୟମ ନ ଥାଏ ସେ ଦେଶରେ ସୁବିଚାର ମିଳିପାରି ନ ଥାଏ। ଏପରିସ୍ଥଳେ ସେ ଦେଶ ଛାଡ଼ି ଚାଲିଯିବା ଶୁଭଙ୍କର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

ବହଳଦା,୧୭।୧୧(ଡି.ଏନ୍.ଏ.)

ନିଆଁରେ ପୋଡ଼ି ଗୁରୁତର ଆହତ ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ରବିବାର କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ବହଳଦା ଥାନା ଅନ୍ତର୍ଗତ ଦୁନ୍ଦୁ ଗାଁର ମହମ୍ମଦ ୱାସିମଙ୍କ ସ୍ତ୍ରୀ ମୁସରାତ ପରବିନ(୨୨)। ଜାମସେଦପୁର ଜୁଗସଲାଇର ପରବିନଙ୍କ ସହ ଦୁନ୍ଦୁ ଗାଁର ୱାସିମଙ୍କର ୩ବର୍ଷ ପୂର୍ବେ ବିବାହ ହୋଇଥିଲା। ତେବେ ଅଧିକ ଯୌତୁକ ପାଇଁ ତାଙ୍କ ଝିଅାରୀକୁ ବାରମ୍ବାର ନିର୍ଯାତନା ଦିଆଯାଉଥିବା ଓ ହତ୍ୟାପରେ ପୋଡ଼ି ଦିଆଯାଇଥିବା ମୃତା ମହିଳାଙ୍କ କକା ମହମ୍ମଦ ସମିମ୍ ବହଳଦା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭୨/୧୯)ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତ ଅଧିକାରୀ ଏସ.ଆଇ ଭାସ୍କର ପ୍ରଧାନ କହିଛନ୍ତି। ଅନ୍ୟପକ୍ଷେ, ଶାଶୁଘର ଲୋକଙ୍କ କହିବା ଅନୁଯାୟୀ, ଶନିବାର ରୋଷେଇ କରୁଥିବା ବେଳେ ଗ୍ୟାସ୍ ପାଇପ୍ ଫାଟି ଯିବାରୁ ତାଙ୍କ ଶରୀରର ପ୍ରାୟ ୯୦ପ୍ରତିଶତ ପୋଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବାରିପଦାସ୍ଥିତ ପିଆରଏମ୍ ମେଡ଼ିକାଲ କଲେଜକୁ ନିଆଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜିଲାସ୍ତରୀୟ ସରଗିଫୁଲ, ବିଜ୍ଞାନମେଳା ଉଦ୍‌ଯାପିତ


ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

କେନ୍ଦୁଝର, ୧୭।୧୧(ଡିଏନ୍ଏ)

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ସମୂହ, କେନ୍ଦୁଝର ପକ୍ଷରୁ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ୧୦ମ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍‌ଗିଫୁଲ ଓ ବିଜ୍ଞାନମେଳା – ୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ମଣ୍ଡଳ ଶିକ୍ଷା ମଣ୍ଡଳାଧିଶ ଗୋବିନ୍ଦ ଚନ୍ଦ୍ର ସେଠୀ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ କଳାକୃତୀ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଉପଖଣ୍ଡ ସହକାରୀ ଜିଲା ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରି ଏବଂ ହେଡକ୍ୱାର୍ଟର ସହକାରୀ ଜିଲା ମଙ୍ଗଳ ଅଧିକାରୀ ଜୀବନସିଂ ମୁଣ୍ଡା ଉପସ୍ଥିତ ଥିଲେ। ଏହି ଜିଲାସ୍ତରୀୟ ବିଜ୍ଞାନମେଳା ଓ ସର୍‌ଗିଫୁଲ କାର୍ଯ୍ୟକ୍ରମରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ତର୍କ, ସୃଜନାତ୍ମକ ଲିଖନ, ସଙ୍ଗୀତ, ଗଣିତ, ବିଜ୍ଞାନ, କୁଇଜ୍ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ ଦିବସ

ଠାକୁରମୁଣ୍ଡା/କୁଆମରା,୧୭।୧୧(ଡି.ଏନ୍.ଏ.)

ପାଞ୍ଚପୀଢ ଉପଖଣ୍ଡସ୍ତରୀୟ ଜାତୀୟ ପ୍ରେସ ଦିବସ କରଞ୍ଜିଆ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ସହକାରୀ ଜିଲାପାଳ ମନ୍ମଥ ନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଉପଜିଲାପାଳ ଦୁଃଖବନ୍ଧୁ ନାୟକ,ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ନାରାୟଣ ନାୟକ, ସାମ୍ବାଦିକ ଧରଣୀଧର ପ୍ରଧାନ, ଜନାର୍ଦ୍ଦନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଲୋକ ସମ୍ପର୍କ ବିଭାଗର ଗ୍ରନ୍ଥାଗାରିକ ଅରୁଣ ପାଣିଗ୍ରାହୀ, ଶ୍ରୀହରି ଦାସ, ସଚ୍ଚିଦାନନ୍ଦ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବ ପକ୍ଷରୁ ପଶୁଦାଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ମନୋରଞ୍ଜନ ଦାଶ, ମୁଖ୍ୟବକ୍ତା ପଶୁଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ କଟୁଆଳ, ସମ୍ମାନିତ ଅତିଥି ସରପଞ୍ଚ ମାଇନ ଟୁଡୁ ଓ ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ହିରେନ ରାୟ, ସୟଦ ଟୁନୁ ବାବୁ, ଚିତ୍ତରଞ୍ଜନ ଦଲେଇ, ଶାନ୍ତନୁ ମଡୁଆଲ, ଦୀପକ ଚୌଧୁରୀ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ, ଯୋଗେଶ୍ୱର ସାହୁ, ସମ୍ପୂର୍ଣ୍ଣ ହେମ୍ବ୍ରମ ଓ ତପନ ପାତ୍ର ଉପସ୍ଥିତ ଥିଲେ। ପ୍ରେସ କ୍ଲବର ସମ୍ପାଦକ ଡକ୍ଟର କୁମାର ବାବୁଲି ଅତିଥି ପରିଚୟ ଓ ରଞ୍ଜନ ମଡୁଆଲ ଧନ୍ୟବାଦ ଅର୍ପଣ କରିଥିଲେ। ଜଗତାନନ୍ଦ ବାରିକ, ଜୟନ୍ତ କୁମାର ବାରିକ, ଦେବରଞ୍ଜନ କଟୁଆଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଳଭଦ୍ରପୁର ବସ୍ତିରେ ପାନୀୟଜଳ ସମସ୍ୟା

ତେଲକୋଇ, ୧୭।୧୧(ଡି.ଏନ.ଏ.)


ମହିଳାମାନେ ଚୁଆଖୋଳି ପାନୀୟଜଳ ସଂଗ୍ରହ କରୁଛନ୍ତି।

ତେଲକୋଇ ବ୍ଲକ ଅନ୍ତର୍ଗତ ବିମଳା ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ପାନୀୟଜଳ ସମସ୍ୟା ଯୋଗୁ ଗ୍ରାମବାସୀ ନିକଟସ୍ଥ ବାଜିଘର ଝରଣାରୁ ଚୁଆ ଖୋଳି ପାନୀୟଜଳ ସଂଗ୍ରହ କରୁଛନ୍ତି। ଏପରିକି ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପାଇଁ ଏହି ଜଳ ସଂଗ୍ରହ କରୁଥିବା ମହିଳା ମାନେ ପ୍ରକାଶ କରିଛନ୍ତି। ଜଙ୍ଗଲ ମଧ୍ୟରେ ୧କି.ମି. ରାସ୍ତା ଯିବା ପରେ ଉକ୍ତ ଝରଣାରୁ ମିଳିତ ଭାବେ ପାନୀୟଜଳ ସଂଗ୍ରହ କରିଥାନ୍ତି। ଗ୍ରାମରେ ୩୫ ପରିବାରର ୨ଶହରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ଗ୍ରାମରେ ଥିବା ଏକ ମାତ୍ର ନଳକୂପ ପାନୀୟଜଳ ଉପଯୋଗୀ ନ ଥିବା ଯୋଗୁ ଝରଣା ଉପରେ ନିର୍ଭର କରୁଥିବା ମହିଳା ସୁବାସିନୀ ନାଏକ କହିଛନ୍ତି। ସ୍ଥାନୀୟ ସରପଞ୍ଚ ଖୁଲଣା ନାୟକଙ୍କୁ ଏନେଇ ପଚାରିବାରୁ ସେ କହିଛନ୍ତି ଯେ, ନଳକୂପ ପାଇଁ ସମସ୍ୟା ହୋଇଥିବାରୁ ଗଭୀର କୂପ ଖନନ କରାଯାଇ ଗ୍ରାମକୁ ପାନୀୟଜଳର ବ୍ୟବସ୍ଥା କରାଯିବ।

# ସୁରଭି ମଞ୍ଚରେ ଦୁର୍ଗାପୁର ବିଦ୍ୟାଳୟ ପୁରସ୍କୃତ


ଭୁବନେଶ୍ୱରଠାରେ ପୁରସ୍କାର ଗ୍ରହଣ କରୁଛନ୍ତି।

ଝୁମ୍ପୁରା, ୧୭।୧୧(ଡି.ଏନ.ଏ.)

ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଗ୍ରାମାଞ୍ଚଳରେ ଅବସ୍ଥିତ ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟ ପୁରସ୍କୃତ ହୋଇଛି। ଆଦର୍ଶ ବିଦ୍ୟାଳୟ ଭାବେ ଖ୍ୟାତ ଥିବା ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ବେହେରା ଭୁବନେଶ୍ୱରଠାରେ ଉପସ୍ଥିତ ରହି ମାନପତ୍ର ସହିତ ୧୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ସ୍ୱଚ୍ଛ ବିଦ୍ୟାଳୟ ଭାବେ ସୁରଭି ମଞ୍ଚରେ ଏହି ପୁରସ୍କାର ଗତ ଶୁକ୍ରବାର ପ୍ରଦାନ କରାଯାଇଥିବାବେଳେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ ସାହୁ, ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ଗଣ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ, ଗଣଶିକ୍ଷା ସଚିବ, ୟୁନିସେଫ ଓଡ଼ିଶା ମୁଖ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ପହଞ୍ଚିବା ପରେ ସରପଞ୍ଚ ପ୍ରସନ୍ନ ନାଏକଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

# ୧୫୧ ୟୁନିଟ୍ ରକ୍ତ ସଂଗ୍ରହ


ଅତିଥିମାନେ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ବାରିପଦା ଅଫିସ,୧୭।୧୧

ବାରିପଦା ସହରର ଭଞ୍ଜପୁରଠାରେ ଚାଲିଥିବା ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମେଳା କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଶାନ୍ତ ପଟ୍ଟନାୟକ, ଉପାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଳ, ରେଡକ୍ରସ ସଦସ୍ୟ ଅମର ସେଠୀ, ବାରିପଦା ସଦର ଏସଡିପିଓ କେ.କେ ହରିପ୍ରସାଦ ଓ ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୧୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯେଉଁଥିରେ ୧୧ ଜଣ ମହିଳା ରକ୍ତଦାନ କରି ଉଦାହରଣ ସୃଷ୍ଟି କରିଥିଲେ। ବ୍ଲଡ ବ୍ୟାଙ୍କ ଅଫିସର ଡା.ପ୍ରଶାନ୍ତ ଦାସ, ପଣ୍ଡୁରିକାକ୍ଷ ଦାସ, ରୁଚିକା ଖୁରାନା, ଧ୍ରୁବ ଦେ, ନବ ପଲେଇ, ଶକୁନ୍ତଳା ମହାନ୍ତ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

## ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଚିତ୍ରଡ଼ା, ୧୭।୧୧ (ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମହାବିଦ୍ୟାଳୟ ରସାୟନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଭାସ ଗିରି, ଅଧ୍ୟାପକ ନିଶିକାନ୍ତ ଗିରି ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ୪ ଜଣ ଛାତ୍ରୀଛାତ୍ର ବିଷୟବସ୍ତୁ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଅଧ୍ୟାପକ ତାପସ କୁମାର ବୋଷ, ସୁବିର ବୋଷ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ କାମଦେବ ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଜେମା', ଜେଜେବାପା ସମ୍ମିଳନୀ

ବଡବିଲ, ୧୭।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଛାତ୍ରୀଛାତ୍ରଙ୍କର ଜେଜେମାଆ, ଜେଜେବାପା, ଆଈ ଓ ଅଜା ମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡମ୍ବରୁଧର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ସରୋଜ କୁମାର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଂସ୍କାର ପ୍ରଦାନ ଦିଗରେ ଜେଜେମା', ଜେଜେବାପା, ଆଈ ଓ ଅଜାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କର ମୋଟ ୩୩ଜଣ ଜେଜେମା', ଜେଜେବାପା, ଆଈ ଓ ଅଜାମାନେ ଯୋଗଦେଇଥିଲେ। ଯୋଗଦେଇଥିବା ଏହି ବୃଦ୍ଧାବୃଦ୍ଧମାନେ ନିଜର ଅଭୁଲା ଅନୁଭୂତି ସବୁ ଉପସ୍ଥାପନ କରି ବେଶ ଖୁସି ହୋଇଥିଲେ। ଏହି ସମ୍ମିଳନୀର ପରିଚାଳନାରେ ଶିକ୍ଷୟିତ୍ରୀ ନନ୍ଦିନୀ ମହାନ୍ତି ପୁଷ୍ପଶ୍ରୀ ପତି, ରଞ୍ଜିତାରାଣୀ ଦାଶ, ମନ୍ଦାକିନୀ ବାରିକ, କବିଲତା ମହାନ୍ତ, ସାବିତ୍ରୀ ନାୟକ ଓ ମଧୁସ୍ମିତା ଭୋଇଙ୍କ ସମେତ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ।


ସମ୍ମିଳନୀରେ ଯୋଗଦେଇଥିବା ଜେଜେମା', ଜେଜେବାପା, ଆଈ ଓ ଅଜା।

## ସଂକ୍ଷେପରେ

### ମାନସିକ ଅନଗ୍ରସର ମହିଳା ଉଦ୍ଧାର

ରାଇସୁଆଁ, ୧୭।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ଥାନା ପୋଲିସ ସହାୟତାରେ ରବିବାର ଜଣେ ମାନସିକ ଅନଗ୍ରସର ମହିଳାଙ୍କୁ ଉଦ୍ଧାର କରାଯାଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ମହିଳା ଜଣଙ୍କୁ କାଦଗଡ଼ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ଉଦ୍ଧାର କରାଯାଇଛି। ମହିଳା ଜଣଙ୍କ ରାଜ୍ୟ ବାହାରର ହୋଇଥିବା ବେଳେ କେଉଁ ଆଡ଼େ କିପରି ଏହି ଅଞ୍ଚଳକୁ ଚାଲି ଆସିଛନ୍ତି ତାହା ଜଣାପଡ଼ିନାହିଁ। ସ୍ଥାନୀୟ ଜନସାଧାରଣ ସଦର ଆଇଆଇସି ଜୟନାରାୟଣ ଖଣ୍ଡେଇଙ୍କୁ ସହାୟତା ପାଇଁ ଅନୁରୋଧ କରିଥିଲେ। ସଦର ଆଇଆଇସିଙ୍କ ସହାୟତାରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ତାଙ୍କର ପରିବାର ଲୋକଙ୍କ ସନ୍ଧାନ କରାଯାଉଥିବା ପୋଲିସ କହିଛି।

### ଦୁଇ ଦୋକାନରୁ ଚୋରି

ହାଟଡ଼ିହୀ, ୧୭।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ନନ୍ଦିପଦା ଥାନା ଶାଳଣିଆ ବଜାରରୁ ଶନିବାର ବିଳମ୍ବିତ ରାତିରେ ଦୁଇଟି ଦୋକାନରୁ ଚୋରି ହୋଇଛି । ସଦାନନ୍ଦ ସାହୁଙ୍କ ମୋଟର ସାଇକେଲ ଗ୍ୟାରେଜ୍ ଏବଂ ଲଛମନ୍ ସାହୁଙ୍କ ମୋଟର ସାଇକେଲ ଓ ସାଇକେଲ ପାର୍ଟ୍ସ ଦୋକାନରୁ ଚୋରି ହୋଇଛି। ନନ୍ଦିପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଚୋରି ସମ୍ପର୍କରେ କୌଣସି ସୁରାକ୍ ମିଳି ନଥିବା ଜଣାପଡିଛି । ବାରମ୍ଭାର ଏହି ବଜାରରୁ ଚୋରି ହୋଇ ଚାଲିଥିଲେ ବି ପୋଲିସ ଚୋର ଧରିବାରେ ସଫଳ ହୋଇପାରିନି ।

### ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି

ଘସିପୁରା, ୧୭।୧୧(ଡି.ଏନ.ଏ.)- ଘସିପୁରାର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ମା' ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ବୁଲୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କ୍ଲବର ସଦସ୍ୟ ଓ କର୍ମକର୍ତ୍ତାମାନେ ଯୋଗଦେଇ ୮ଟି ଖ୍ୟାତନାମା ଦଳକୁ ନେଇ ଚଳିତ ମାସ ଶେଷ ସପ୍ତାହର ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୈଠକରେ କ୍ଲବ ସଦସ୍ୟ ନାରାୟଣ ସାହୁ, ମନୋଜ ସାହୁ, କ୍ଷମାକର ସାହୁ, ଚକ୍ରଧର ସାହୁ, ବାପୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅଣଆବାସିକ ସେତୁ ପାଠ୍ୟକ୍ରମ ଉଦ୍‌ଘାଟିତ

ହାଟଡ଼ିହୀ,୧୭।୧୧ (ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଜାବିନପୁରଠାରେ ଏକ ଅଣଆବାସିକ ସେତୁ ପାଠ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ୬ରୁ ୧୪ବର୍ଷ ମଧରେ ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ପୁନଶ୍ଚ ପଢ଼ାଇବା ଏହାର ମୂଳଲକ୍ଷ୍ୟ ଅଟେ । ଆସ୍‌ପାୟାର ତରଫରୁ ଜଣେ ଶିକ୍ଷକ ମାଗଣାରେ ଶିକ୍ଷାଦାନ କରାଇବେ। ଏବେ ୩୪ ଜଣ ପିଲାଙ୍କୁ ଏହି ପାଠ୍ୟକ୍ରମରେ ସାମିଲ କରାଯାଇଛି। ଉଦ୍‌ଘାଟନ ସମୟରେ ମୁଖ୍ୟଅତିଥିଭାବେ ସରପଞ୍ଚ ଅନସୂୟା ବେହେରା, ସମିତି ସଭ୍ୟା ତୃପ୍ତିମୟୀ ନାୟକ, ଆସ୍‌ପାୟାରର ଇନ୍‌ଚାର୍ଜ କୃପାସିନ୍ଧୁ ସିଂ, ଦିବାକର ଦାସ, ଜିପିସିଏମ୍ ରାଜେଶ୍ୱର ନାୟକ, ମମତା ଜେନା, ବିପିନ ବିହାରୀ କୁଅଁର, ରଞ୍ଜନ ନାୟକ ପ୍ରମୁଖଙ୍କ ସମେତ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ ।

### ରାସ୍ତା ଅବରୋଧର ତଦନ୍ତ କଲେ ଆର୍‌ଆଇ

ଝୁମ୍ପୁରା, ୧୭।୧୧(ଡି.ଏନ.ଏ.)- ଝୁମ୍ପୁରା ପଞ୍ଚାୟତର ୨ନଂ.ୱାର୍ଡ ରେ ସାହି ରାସ୍ତା ଅବରୋଧକୁ ନେଇ ତହସିଲଦାରଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ହୋଇଛି। ରାସ୍ତାକୁ ଲାଗି ଗୋଟିଏ ପରିବାର ଘର ନିର୍ମାଣ କରୁଥିବା ବେଳେ, ଘରର ତାଜା, ଛାତ ରାସ୍ତାର ବହୁ ଆଗକୁ କରୁଥିବା ନେଇ ସାହି ବାସିନ୍ଦା ଏମତି ରଇସ, ପ୍ରମୋଦ ସାହୁ, ଅଭିମନ୍ୟୁ ସାହୁ, ପ୍ରମିଳା ସାହୁ, ଚତୁର୍ଭୁଜ ବେହେରା ପ୍ରମୁଖ ବାରଣ କରିଥିଲେ। ହେଲେ ଘର ନିର୍ମାଣ କରୁଥିବା ପରିବାର କିଛି ଶୁଣି ନ ଥିଲେ। ଏ ନେଇ ୨ନଂ. ୱାର୍ଡ ବାସିନ୍ଦା ତହସିଲରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଝୁମ୍ପୁରା ରାଜସ୍ୱ ନିରୀକ୍ଷକ ତଦନ୍ତ କରି ଫେରି ଯାଇଛନ୍ତି। ତହସିଲଦାର ଜନକ ନାୟକ ଅଭିଯୋଗ ସମ୍ପର୍କରେ କହିଛନ୍ତି, ପଦକ୍ଷେପ ନିଆଯିବ।

# କ୍ଷତିରେ ପରିବା ଚାଷୀ, ଲାଭରେ ବେପାରୀ

କେନ୍ଦୁଝର, ୧୭।୧୧(ଡି.ଏନ.ଏ.)



କେନ୍ଦୁଝର ପରିବା ବଜାର।

କେନ୍ଦୁଝରରେ ପରିବାର ଆକାଶଛୁଆଁ ମୂଲ୍ୟବୃଦ୍ଧି ଯୋଗୁଁ ଖାଉଟିମାନେ ଶୋଷଣର ଶିକାର ହେଉଥିବା ଜଣାପଡିଛି। କେନ୍ଦୁଝର ଜିଲାରୁ ଉତ୍ପାଦିତ ହେଉଥିବା ପନିପରିବାକୁ ଶାଗମାଛ ଦରରେ ଚାଷୀଙ୍କଠାରୁ ନେଇ ଚାଷୀ ଶୋଷଣର ଶିକାର ହେଉଥିବାବେଳେ ଖାଉଟି ମଧ ଅନୁରୂପ ଭାବେ ଶୋଷଣର ଶିକାର ହେବାରେ ଲାଗିଛନ୍ତି। ବିକ୍ରି ନ ହୋଇପାରିଲେ ପନିପରିବା କମ୍ପୋଷ୍ଟରେ ପଡୁଥିବାବେଳେ ପରିବା ଦରରେ କେବେ ହେଲେ ସାଲିସ କରୁନାହାନ୍ତି।

କେନ୍ଦୁଝର ଜିଲାର ପରିବା ଉତ୍ପାଦନ ହୋଇ ରାଜ୍ୟ ତଥା ରାଜ୍ୟ ବାହାରେ ଉଚିତ ମୂଲ୍ୟରେ ଖାଉଟି ପାଉଥିବାବେଳେ ଜିଲାବାସୀଙ୍କୁ ଉଚିତ ଦାମର ୨/୩ ଗୁଣା ଦାମରେ କିଣିବାକୁ ପଡୁଛି ବୋଲି ଖାଉଟିମାନେ ଅଭିଯୋଗ କରିଛନ୍ତି। କାର୍ତ୍ତିକ ମାସର ସୁଯୋଗ ନେଇ ଅସାଧୁ ପରିବା ବ୍ୟବସାୟୀମାନେ ଚଢ଼ା ଦରରେ ପରିବା ବିକୁଥିବା ଅଭିଯୋଗ ହୋଇଥିଲା କିନ୍ତୁ କାର୍ତ୍ତିକ ମାସ ପରେ ମଧ ପରିବା ଦର ଆହୁରି ଅଧିକ ବଢ଼ିଛି ପଛେ କିଛି କମ୍ ହୋଇନାହିଁ। କିଛିଦିନ

### ଖାଉଟି ଶୋଷଣର ଶିକାର

ହେବ ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି, ପୋଟଳ, କାକୁଡି ଆଦି ପରିବା କିଲୋ ପ୍ରତି ୭୦ରୁ ୮୦ ଟଙ୍କା ହୋଇଛି । ପରିବା ହୋଲସେଲ ଦର ଓ ବେପାରୀମାନେ ବିକ୍ରି କରୁଥିବା ଦର ମଧ୍ୟରେ ଆକାଶପାତାଳ ତାରତମ୍ୟ ରହୁଥିବାରୁ ଖାଉଟିମାନେ ଅଧିକମାତ୍ରାରେ ଶୋଷିତ ହେଉଛନ୍ତି। ଉଦାହରଣ ସ୍ୱରୂପ ପୋଟଳ ପିଛା ହୋଲସେଲ ଦର କିଲୋପିଛା ୩୦ ଟଙ୍କା ରହୁଥିବାବେଳେ ବେପାରୀମାନେ ତାହାକୁ ନେଇ ୬୦ ଟଙ୍କାରେ ଖାଉଟିଙ୍କୁ ବିକୁଥିବା ଅଭିଯୋଗ ହେଉଛି। ସେହିପରି ବିଲାତି କିଲୋପ୍ରତି ୨୦ ଟଙ୍କାରେ କିଣି ୫୦ ଟଙ୍କା ଓ କୁନ୍ଦୁରି କିଲୋପ୍ରତି ୧୫ ଟଙ୍କାରେ କିଣି ୫୦ ଟଙ୍କାରେ ବିକ୍ରି କରୁଛନ୍ତି। ବିନସ୍ ୧୦୦ ଟଙ୍କା, କଞ୍ଚାଲଙ୍କା ହୋଲସେଲ କିଲୋପ୍ରତି ୯୦ ଟଙ୍କାରେ ବିକ୍ରି ହେଉଥିବାବେଳେ ବେପାରୀମାନେ ୧୫୦ରୁ ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଫୁଲକୋବି ହୋଲସେଲ କିଲୋପ୍ରତି ୪୦ଟଙ୍କାରେ କିଣି ୮୦ ଟଙ୍କାରେ ବିକ୍ରି ହେଉଛି। ବୋଇତାଳୁ କିଲୋପ୍ରତି ୧୦ଟଙ୍କା ହୋଲସେଲ ଦର ଥିବାବେଳେ ବଜାରରେ ୩୦ ଟଙ୍କା ବିକ୍ରି ହେଉଛି। ବାହାର ଜିଲା ବେପାରୀଙ୍କ କବ୍‌ଜାରେ ଥିବା କେନ୍ଦୁଝର ବଜାର ରାଜ୍ୟର ଯେ କୌଣସି ବଜାର ଦର ଅପେକ୍ଷା ଅଧିକ। ଏପରିକି ଆନନ୍ଦପୁର ଉପଖଣ୍ଡରେ ପରିବାର ସହ କେନ୍ଦୁଝର ବଜାର ଦରଠାରୁ ବହୁତ୍ କମ୍ ଥିବା ଜଣାପଡିଛି। ପରିବା ଦର ବୃଦ୍ଧି ଯୋଗୁଁ ଗରୀବ ଶ୍ରେଣୀର ଲୋକମାନଙ୍କ ପାଇଁ ସଜ ପନିପରିବାର ଏକ ପ୍ରକାର ସାତସପନ ହୋଇଛି। ଜିଲା ପ୍ରଶାସନ ପରିବା ଦର ନିୟନ୍ତ୍ରଣ କରିବାକୁ ଖାଉଟି ମହଲରେ ଦାବି ହେଉଛି। ଏହି ଦର ବୃଦ୍ଧି ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଗଣେଶ୍ୱର ଚୌଧୁରୀଙ୍କ ସହ ଯୋଗାଯୋଗ କରିବାରୁ ବିଭିନ୍ନ ସମୟରେ ଯୋଗାଣ ନିରୀକ୍ଷକଙ୍କ ପକ୍ଷରୁ ପରିବା ଦର ନିୟନ୍ତ୍ରଣ କରିବା ପାଇଁ ଚଢାଉ କରାଯାଉଛି ଏବଂ ଆପଣଙ୍କଠାରୁ ଅବଗତ ହେବା ପରେ ପରିବାର ଦର ନିୟନ୍ତ୍ରଣ ପାଇଁ ଦୃଷ୍ଟି ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ।

## କଟକ ବାଲିଯାତ୍ରାରେ କେନ୍ଦୁଝର ଧୂପ




ଗୁପ୍ତଗଙ୍ଗା ଷ୍ଟଲ୍ ପରିସରରେ ଗ୍ରାହକଙ୍କ ଭିଡ଼।

କେନ୍ଦୁଝର, ୧୭।୧୧(ଡି.ଏନ୍.ଏ.)

କଟକରେ ପ୍ରସିଦ୍ଧ ବାଲିଯାତ୍ରା ପଡ଼ିଆରେ କେନ୍ଦୁଝରରେ ପ୍ରସିଦ୍ଧିଲାଭ କରିଥିବା ଗୁପ୍ତଗଙ୍ଗା ଧୂପକାଠିର ଏକ ଷ୍ଟଲ ହୋଇଥିବା କମ୍ପାନୀର ମାଲିକ ଅନିତା ମହାନ୍ତି ପ୍ରକାଶ କରିଛନ୍ତି। ଏହି ଷ୍ଟଲରେ ବ୍ୟବସାୟ ସହ ଲୋକଙ୍କ ଭିଡ଼ ମଧ ଜମୁଥିବାର ସେ ପ୍ରକାଶ କରିଛନ୍ତି। ଗୁପ୍ତଗଙ୍ଗା ଧୂପକାଠି ଏବେ କେନ୍ଦୁଝର ଜିଲା ବ୍ୟତୀତ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ପ୍ରଭୃତି ଜିଲାରେ ଭଲ ବ୍ୟବସାୟ କରୁଥିବା ଏହି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଉନ୍ନତମାନର ଧାନ କିଣା ପାଇଁ ପ୍ରଶିକ୍ଷଣ

କେନ୍ଦୁଝର, ୧୭।୧୧(ଡି.ଏନ୍.ଏ.)

କେନ୍ଦୁଝର ସଦର ଉପଖଣ୍ଡରେ ନକଲି ଚାଷୀଙ୍କୁ ଦଣ୍ଡ ଦିଆଯିବ ଏବଂ ଧାନ କିଣାରେ ସ୍ୱଚ୍ଛତା ରକ୍ଷା କରାଯିବ ବୋଲି କେନ୍ଦୁଝର ସଦର ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟିର ସଭାପତି ରାମଚନ୍ଦ୍ର କିସ୍କୁ ପ୍ରକାଶ କରିଛନ୍ତି। ଧାନର ଗୁଣାତ୍ମକ ମାନ ପରୀକ୍ଷା କରାଯାଇ କୃଷକମାନଙ୍କୁ ଉପଯୁକ୍ତ ମୂଲ୍ୟ ଦିଆଯିବ ବୋଲି ସେ ପ୍ରକାଶ କରିବା ସହିତ ଚାଷୀ କିପରି ହଇରାଣ ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଉପଜିଲାପାଳ କହିଥିଲେ। ଧାନ ସଂଗ୍ରହ ହେବାର ଦୁଇରୁ ତିନି ଦିନ ମଧରେ ଚାଷୀଙ୍କୁ ତାଙ୍କର ପ୍ରାପ୍ୟ ଦିଆଯିବ ବୋଲି ରାମଚନ୍ଦ୍ର କିସ୍କୁ କହିଥିଲେ। କେନ୍ଦୁଝର ନିୟନ୍ତ୍ରିତ ବଜାର କମିଟି ବା ଆରଏମସି ପରିସରରେ ଗୁଣାତ୍ମକ ଧାନ କ୍ରୟ, ଠିକ ଓଜନ, ସର୍ବନିମ୍ନ ସହାୟକ ଦର ଓ ରେକର୍ଡ ସଂରକ୍ଷଣ ସହ ମିଲେଟ୍ ମିଶନର କାର୍ଯ୍ୟକାରିତା ଉପରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀ, ସୋସାଇଟି, ଲ୍ୟାମ୍ପସର ସଭାପତି ଓ ପରିଚାଳନା ସମ୍ପାଦକ, ଚାଷୀ ଓ ସମବାୟ କର୍ମଚାରୀମାନେ ଯୋଗ ଦେଇଥିଲେ। ଜିଲା ଖଣିଜ ପ୍ରତିଷ୍ଠାନ ସୌଜନ୍ୟରୁ ବିଭିନ୍ନ ବ୍ଲକରେ ଆରମ୍ଭ ହୋଇଥିବା ମିଲେଟ ମିଶନ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ୍ ଭାବେ ଆଲୋଚନା ହୋଇଥିଲା । ବିଭିନ୍ନ ଚାଷୀମାନେ ନିଜର ଅନୁଭୂତି ପ୍ରକାଶ କରିବା ସହ ଧାନ ସଂଗ୍ରହ ସମୟରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ପ୍ରତି ହେକ୍ଟର ଜମିରେ ମିଲେଟ ଚାଷ ପାଇଁ ପ୍ରୋତ୍ସାହନ ରାଶି ଭାବେ ୫୦୦୦ ଟଙ୍କା ଚାଷୀଙ୍କୁ ଦିଆଯିବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ କେନ୍ଦୁଝର ନିୟନ୍ତ୍ରିତ ବଜାର କମିଟିର ଉପସଭାପତି ଧୀରେନ୍ଦ୍ର ରାଉତ, ଉପ ସମବାୟ ନିବନ୍ଧକ ପ୍ରମୋଦ କୁମାର ବେରିହା, ଜିଲା ବେସାମରିକ ଯୋଗାଣ ଅଧିକାରୀ ଜି.ଚୌଧୁରୀ, ସହକାରୀ ସମବାୟ ନିବନ୍ଧକ ପର୍ଶୁରାମ ପାତ୍ର, ସଦର ବିଡିଓ ଭାଗବତ ନାୟକ, ମିଲେଟ ମିଶନର ଆଞ୍ଚଳିକ ସଂଯୋଜକ ଶୁଭମ୍ ଶର୍ମା, ଡିଏମଏଫର ଶିଶିର କୁମାର ସାହୁ, ସହକାରୀ ବେସାମରିକ ଯୋଗାଣ ଅଧିକାରୀ ପରେଶ ଚନ୍ଦ୍ର ମହାନ୍ତି, ବାଂଶପାଳ ଯୋଗାଣ ନିରୀକ୍ଷକ ଶିଶିର କୁମାର ସାହୁ, ତେଲକୋଇ ଯୋଗାଣ ନିରୀକ୍ଷକ ଲକ୍ଷ୍ମଣ ମାଝୀ, ଗୁଣବତ୍ତା ଅଧିକାରୀ ସୁମନ ସ୍ମିତା ତରାଇ, ଚାରୁ କିଣ୍ଡୋ, ଜ୍ଞାନରଞ୍ଜନ କବି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। କେନ୍ଦୁଝର ଆର୍‌ଏମ୍‌ସିର ସମ୍ପାଦକ ଅଜୟ କୁମାର ସେଠୀ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ । ଏଥିରେ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀମାନେ ସହଯୋଗ କରିଥିଲେ।

### ବୀମା ସମ୍ପର୍କିତ କର୍ମଶାଳା

ହାଟଡିହୀ, ୧୭।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ମରିଗାଁଠାରେ ଏଲ୍‌ଆଇସି ତରଫରୁ ବୀମା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସଭାପତି ସନ୍ତୋଷ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବୈଷ୍ଣବ ଚରଣ ବେହେରା, ଅନିଲ କୁମାର ନାୟକ, ନରସିଂହ ପଣ୍ଡା, ଅଶ୍ୱିନୀ ପଢିଆରୀ, ମଧୁସୂଦନ ରାଉତ, ହଳଧର ପଣ୍ଡା, ରଞ୍ଜନ କୁମାର ପଣ୍ଡା ପ୍ରମୁଖ ବିଭିନ୍ନ ପଦାଧିକାରୀମାନେ ଅତିଥି ଭାବେ ଉପସ୍ଥିତ ଥିଲେ। ଉକ୍ତ କର୍ମଶାଳାରେ ଏଲଆଇସି ବୀମା ସମ୍ପର୍କିତ ଲାଭ ଦିଗରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବହୁ ସଂଖ୍ୟାର ଏଜେଣ୍ଟ ଓ ବୀମାଧାରୀ ଉପସ୍ଥିତ ଥିଲେ । ସୁଧାଂଶୁ ଶେଖର ଜେନା, ବଳରାମ ରାଉତ, ପ୍ରଶାନ୍ତ ସ୍ୱାଇଁ, ପରେଶ ଜେନା, ମୁକ୍ତିକାନ୍ତ ମିଶ୍ର, ନାରାୟଣ ଦାସ, ସରୋଜ ଦାସ, ଅଭିମନ୍ୟୁ ବିଶ୍ୱାଳ, ସନ୍ତୋଷ ଚକ୍ର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସାନ୍ତାଳୀ ଭାଷା ଦିବସ ଲାଗି ପ୍ରସ୍ତୁତି



ବୈଠକରେ ସାମିଲ ସଦସ୍ୟ।

କେନ୍ଦୁଝର, ୧୭।୧୧ (ସ୍ୱ.ପ୍ର.)

ସଦର ବ୍ଲକ ସିଲିସୁଆଁ କିଂଝିର ଦିସମ ଜାହେର ଶାଳ ଠାରେ ସାନ୍ତାଳୀ ଭାଷା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲାସ୍ତରୀୟ ସାନ୍ତାଳୀ ଭାଷା ଦିବସକୁ ଉକ୍ତ ସିଲିସୁଆଁ କିଂଝିର ଦିସମ ଜାହେର ଶାଳରେ ଧୁମ୍‌ଧାମରେ ପାଳନ କରିବାକୁ ନିଷ୍ପତ୍ତି ହୋଇ ପ୍ରସ୍ତାବ ଗୃହୀତ ହୋଇଛି। ଦିସମ ଜାହେର ଶାଳର ବିକାଶ ଓ ସର୍ବଭାରତୀୟ ମାଝୀ ପାର୍ଗାନା ମହଲର ପରବର୍ତ୍ତୀ କାର୍ଯ୍ୟକ୍ରମ ବିଷୟରେ ଆସନ୍ତା ଡିସେମ୍ବର ୮ରେ ପୁନର୍ବାର ବୈଠକ କରାଯିବ। ଏଥିରେ ପିକ୍ ପାର୍ଗାନା ବାବା, ମୁଲୁକ ପାର୍ଗାନା ବାବା ଓ ଗ୍ରାମର ମୁଖିଆ ତଥା ସଂଗଠନର ସମସ୍ତ ସଦସ୍ୟ ସାମିଲ ହେବେ। ଜିଲା ପାର୍ଗାନା ବାବା ସମ୍ବରା ଟୁଡୁ, ପିକ ପାର୍ଗାନା ବାବା ଘାଷିରାମ ହାଁସଦା, ହରିଦାସ ଟୁଡୁ, ଦୀନେଶ କୁମାର ଟୁଡୁ, ଗୁର୍ବା କିସ୍କୁ, ଗଡେତ୍ ଦିକୁ ସୋରେନ, ଶଶି ହେମ୍ବ୍ରମ, ଶ୍ରବଣ କୁମାର ଟୁଡୁ, ରବି ସୋରେନ, ଠାକୁର ମୁର୍ମୁ ସମେତ ଅନ୍ୟମାନେ ଉପସ୍ଥିତ ହୋଇ ଆଲୋଚନା କରିଥିଲେ। କିଂଝିର ଦିସମ ଜାହେର ଶାଳର ଅଧ୍ୟକ୍ଷ ତଥା ଦିସମ ଗଡେତ୍ ତହସିଲଦାର ହାଁସଦା ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ଶେଷ କରିଥିଲେ।

## ସଙ୍କୁଳସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟ କର୍ମକର୍ତ୍ତା ।

କେନ୍ଦୁଝର, ୧୭।୧୧ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝରଗଡ଼ ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟରେ ସଙ୍କୁଳସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍କୁଳ ବିଦ୍ୱତ୍ ପରିଷଦର ସଭାପତି ଭୁବନେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା । ଉକ୍ତ ଆଲୋଚନା ଚକ୍ରରେ ସଙ୍କୁଳ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ବିଦ୍ୱତ୍‌ପରିଷଦର ସଦସ୍ୟମାନେ ଯୋଗ ଦେଇଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ ପରିଚାଳନା ସମିତିର ସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ମିଶ୍ର ଦୀପ ପ୍ରଜ୍ୱଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ "ସା ବିଦ୍ୟା ଯା ବିମୁକ୍ତୟେ" ବିଷୟକୁ ନେଇ ବିଶିଷ୍ଟ ଶିକ୍ଷାବିତ୍ ମାନେ ନିଜ ନିଜର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲା ବେଳେ ଉତ୍ତର ସମ୍ଭାଗର ସଭାପତି ସତ୍ୟନାରାୟଣ ମହାପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟଅତିଥି ମାନଙ୍କ ମଧରେ ଶିଶିର ଭୂଷଣ ରାୟ, ରଙ୍ଗାଧର ବେହେରା, କୈଳାସ ଚନ୍ଦ୍ର ମିଶ୍ର, ମଧୁସୂଦନ ମିଶ୍ର, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଜଗନ୍ନାଥ ମିଶ୍ର, ବୀରବର ନାଏକ, ବିଦେଶୀ ପ୍ରଧାନ, ଅମୀୟ ସାମନ୍ତରା ପ୍ରମୁଖ ନିଜ ନିଜର ମୂଲ୍ୟବାନ ମତାମତ ଦେଇ ଆଲୋଚନା ଚକ୍ରକୁ ସାଫଲ୍ୟ ମଣ୍ଡିତ କରିଥିଲେ । ପରିଶେଷରେ ପରିଚାଳନା ସମିତିର ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ପରିତ୍ୟକ୍ତ ଅବସ୍ଥାରେ ଡାକ୍ତରଖାନା କୋଠା

ରାଇସୁଆଁ, ୧୭।୧୧(ଡି.ଏନ.ଏ.)

ସରକାର ଗରିବ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଡାକ୍ତରଖାନା ଗୃହ ନିର୍ମାଣ ଠାରୁ ଆରମ୍ଭ କରି କର୍ମଚାରୀଙ୍କ ରହିବା ପାଇଁ ଗୃହ ନିମାଣ କରାଯାଉଛି। ମାତ୍ର ପ୍ରଶାସନିକସ୍ତରରେ ଏହା କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। କେନ୍ଦୁଝର ଜିଲା ବାଂଶପାଳ ବ୍ଲକର ଖଣି କ୍ଷତିଗ୍ରସ୍ତ ଲୋକଙ୍କୁ ମାଗଣା ଚିକିତ୍ସା ପାଇଁ ସରକାର ୧୫ ଲକ୍ଷ ଟଙ୍କାରେ କୁମୁଣ୍ଡି ପଞ୍ଚାୟତର ତଳଜାଗର ଗାଁରେ ୫ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଡାକ୍ତରଖାନା ଗୃହ ନିର୍ମାଣ ହେବାସହ ଡାକ୍ତରଙ୍କ ରହିବା ପାଇଁ ଗୃହ ବିଜୁଳି ସଂଯୋଗ ବ୍ୟବସ୍ଥା କରିଛନ୍ତି। ମାତ୍ର ଏହି ଡାକ୍ତରଖାନା ଆଜିଯାଏ ଲୋକଙ୍କ ସେବାରେ ଲାଗି ପାରୁନି। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ଡାକ୍ତର ଖାନାକୁ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଜିଲାପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଯୋଡ଼ାରେ ପ୍ରେସ୍ ଦିବସ ପାଳିତ




କୁନି ଶିଶୁ ମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଯୋଡ଼ା, ୧୭।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରରେ ଶନିବାର ପ୍ରେସ ଦିବସ ପାଳିତ ହୋଇଯାଇଛି । ଏହି ଦିବସ ଅବସରରେ ଯୋଡା ସହରର ଥିବା ଖବରଦାତା ମଣିନ୍ଦ୍ର ସୁନ୍ଦର ବାରିକ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ବିଭିନ୍ନ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ସନ୍ଧ୍ୟାରେ ପଶ୍ଚିମ ଯୋଡା କ୍ଲବରେ ଏକ ବାର୍ଷିକ ସମାରୋହର ଆୟୋଜନ କରାଯାଇଥିଲା । ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଘଡେଇ , ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, କେନ୍ଦୁଝର ଡିପିଆରଓ ସଞ୍ଜୀବ କୁମାର ବାରିକ, ଯୋଡା ପ୍ରେସ କ୍ଲବ ସଭାପତି ପ୍ରମୋଦ ମହାନ୍ତ, ଖବରଦାତା ରାଖାଲ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପରେ ଛୋଟ ପିଲାମାନଙ୍କ ଦ୍ୱାରା ଆକର୍ଷଣୀୟ ଓଡିଶୀ ନୃତ୍ୟ, ଶିବତାଣ୍ଡବ ନୃତ୍ୟ ପରିବେଷଣ କରାଯାଇଥିଲା । ଯୋଡା ପ୍ରେସ କ୍ଲବ ପକ୍ଷରୁ ଏହି ସମାରୋହର ଆୟୋଜନ କରାଯାଇଥିଲା ।

### 'ସୁରଭି' ପ୍ରତିଯୋଗିତା: ସ୍ୱାଭିମାନ ପ୍ରଥମ

ଚମ୍ପୁଆ, ୧୭।୧୧(ଡି.ଏନ.ଏ.)



ଚମ୍ପୁଆ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି। ଏ ନେଇ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ସାଧୁବାଦ ଜଣାଇଛନ୍ତି। ଚମ୍ପୁଆ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀରେ ସ୍ୱାଭିମାନ ପଢୁଛନ୍ତି। ବିଦ୍ୟାଳୟସ୍ତରରୁ ଆରମ୍ଭ କରି କ୍ଲଷ୍ଟରସ୍ତରୀୟ, ବ୍ଲକ ଲେଭୁଲ ଓ ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣହୋଇଥିଲେ। ଭୁବନେଶ୍ୱରଠାରେ ଆୟୋଜିତ ଓ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସ୍ୱାଭିମାନ ପୁଣି ତାଙ୍କର ସଫଳତାକୁ ଦୋହରାଇଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍ୱାଭିମାନ ଚମ୍ପୁଆ ଅଞ୍ଚଳର ଖବରଦାତା ଦୀପକ କୁମାର ନାୟକଙ୍କ ଏକ ମାତ୍ର ପୁଅ। ଛୋଟବେଳୁ ବିଭିନ୍ନ କାର୍ଯ୍ୟକ୍ରମରେ ବକ୍ତୃତା ପ୍ରତିଯୋଗିତାରେ ସଫଳ ହୋଇ ଆଜି ସେ ରାଜ୍ୟସ୍ତରରେ ନାମ ଅର୍ଜନ କରିପାରିଛନ୍ତି।

## ବୋଟ୍ ଓ ପମ୍ପ ଦ୍ୱାରା ନଦୀରୁ ବାଲି ଉତ୍ତୋଳନ

ପାଟଣା,୧୭।୧୧(ସ୍ୱ.ପ୍ର.)



ଜେସିବି ଏବଂ ଡଙ୍ଗାରେ ଶକ୍ତିଶାଳୀ ପମ୍ପ ଲଗାଇ ନଦୀ ଗର୍ଭରୁ ବାଲି ଉତ୍ତୋଳନ କରାଯାଉଛି।

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ଡୁମୁରିଆ ଘାଟ ଠାରୁ ବାଲିଯୋଡି ମଧ୍ୟରେ ବିଭିନ୍ନ ସ୍ଥାନରୁ ବେଧଡ଼କ ଚୋରା ବାଲି ଉତ୍ତୋଳନ ସାଙ୍ଗକୁ ଚାଲାଣ ହେଉଛି। କେତେକ ସ୍ଥାନରେ ବୋଟ ଓ ଶକ୍ତିଶାଳୀ ପମ୍ପ ସାହାଯ୍ୟରେ ନଦୀ ଗର୍ଭରୁ ବାଲି ଉଠାଯାଉଛି। ସେହିପରି ଜେସିବି ମେଶିନ ଦ୍ୱାରା ମଧ ବାଲି ଉଠାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ପାଟଣା ତହସିଲ ପକ୍ଷରୁ ବୈତରଣୀ ନଦୀର ୪ଟି ବାଲି ଉତ୍ସ ଦୁର୍ଗାଦେଇପୁର, ତଣ୍ଡ, କେତାଙ୍ଗ, ଡୁମୁରିଗୋଡାକୁ ୫ବର୍ଷ ପାଇଁ ଲିଜ ଦିଆଯାଇଥିବାବେଳେ ରାଇକଳା, ପାଟନାଳୀ ଓ ଟାଙ୍ଗୁଆପଡା ଘାଟକୁ ଅସ୍ଥାୟୀ ଭାବେ ଲିଜ୍ ଦିଆଯାଇଛି। ଏହି ତହସିଲ ଅନ୍ତର୍ଗତ ତୁରୁମୁଙ୍ଗା ରାଜସ୍ୱ ବିଭାଗ ଅଧୀନ ବୈତରଣୀ ନଦୀର କେତେକ ସ୍ଥାନରେ ବେଆଇନ୍ ଭାବେ ବାଲି ଉତ୍ତୋଳନ କରାଯାଉଛି। ସେହିପରି ସାହାରପଡା ତହସିଲ ମଲାରପଦା ରାଜସ୍ୱ ବିଭାଗ ଅଧୀନ କେତେକସ୍ଥାନରୁ ବେଆଇନ ଭାବେ ବୋଟରେ ଶକ୍ତିଶାଳୀ ପମ୍ପ ଲଗାଇ ବାଲି ଉତ୍ତୋଳନ କରି ବାହାରକୁ ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ଏହାକୁ ତହସିଲ ଓ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷ ରୋକିପାରୁ ନ ଥିବାରୁ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ପାଟଣା ତହସିଲଦାର ଶିବପ୍ରସାଦ ମୁର୍ମୁଙ୍କୁ ପଚାରିବାରୁ କହିଛନ୍ତି, ବେଆଇନ ବାଲି ଉତ୍ତୋଳନ ଘଟଣାର ତଦନ୍ତ କରି ସେ ଆବଶ୍ୟକ ପଦକ୍ଷେପ ନେବେ। ଏହାମଧରେ ତୁରୁମୁଙ୍ଗା ଆରଆଇଙ୍କୁ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।